# ଖାଦ୍ୟ ମାନ ଯାଞ୍ଚ ଭୁଲିଗଲାଣି ବିଏମ୍‌ସି



ଭୁବନେଶ୍ୱର, ୧୫।୬ (ବନ୍ଦନା ସେଠୀ)

## ସହରସାରା ମେଳା ମହୋତ୍ସବ

ଗଣପର୍ବ ରଜ ପାଇଁ ଗାଁଠୁ ସହର ଏବେ ଉତ୍ସବମୁଖର ହୋଇପଡିଛି। ଭୁବନେଶ୍ୱରରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜାଗମରା, ନୂଆପଲ୍ଲୀ, ପାତ୍ରପଡ଼ା, ସାଲିଆସାହି ଭଳି ବିଭିନ୍ନ ସ୍ଥାନରେ ରଜ ସେଲିବ୍ରେଶନ ପାଇଁ ମେଳା ଚାଲିଛି। ଭଳିକି ଭଳି ଦୋଳି, ମୀନାବଜାର ସାଙ୍ଗକୁ ବିଭିନ୍ନ ସୁଆଦିଆ ଖାଦ୍ୟର ବାସ୍ନାରେ ଅଞ୍ଚଳ ମହକୁଛି। ମଥୁରା କେକ୍‌ଠାରୁ ଆରମ୍ଭ କରି ମଟର ସୁପ୍, ଲଙ୍କାଚପ୍, କଟ୍‌ଲେଟ୍, ପକୁଡି, ଚାଟ୍, ଚାଓମିନ୍, ରୋଲ୍, ଆଇସ୍‌କ୍ରିମ୍ ଭଳି ବହୁ ରକମର ଖାଦ୍ୟ ପସରା ମେଲିଛି। ତେବେ ମେଳାରେ ମିଳୁଥିବା ଏହି ଖାଦ୍ୟପଦାର୍ଥର ମାନ କିପରି ରହୁଛି ତାହା ତଦାରଖ କରାଯାଉନାହିଁ। ଖୋଲାମେଳାରେ ଖାଦ୍ୟ ପ୍ରସ୍ତୁତ ହେଉଥିବାବେଳେ ଯିବାଆସିବାରେ ବାଲିଧୂଳି ଉଡି ଖାଦ୍ୟରେ ପଡୁଛି। ସେହିପରି ତେଲଭାଜି ବିକ୍ରି କରୁଥିବା ବ୍ୟବସାୟୀମାନେ ଛଣା ତେଲକୁ ବାରମ୍ବାର ବ୍ୟବହାର କରୁଛନ୍ତି। ଏପରିକି ଖାଦ୍ୟ ପ୍ରସ୍ତୁତି ପାଇଁ ସେମାନେ କେଉଁ ତେଲ ବ୍ୟବହାର କରୁଛନ୍ତି, ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ମସଲା, ପରିବା ମାନ କିଭଳି ରହିଛି ସେ ନେଇ ମଧ୍ୟ କୌଣସି ଯାଞ୍ଚ କରାଯାଉ ନାହିଁ। ଫଳରେ ବ୍ୟବସାୟୀମାନେ ନିଜର ଲାଭ ପାଇଁ ବାସି ତଥା ଦୂଷିତ ଖାଦ୍ୟ ବିକ୍ରି କରୁଛନ୍ତି। ଏପରିକି ସେଠାରେ ମିଳୁଥିବା ପାଣି ଓ ବିକ୍ରି ହେଉଥିବା ପାଣି ବୋତଲକୁ ନେଇ ମଧ୍ୟ ଅନେକ ସମୟରେ ଅଭିଯୋଗ ଉଠୁଛି। ବର୍ଷରେ ବିଭିନ୍ନ ମେଳା ମହୋତ୍ସବ ହେଉଥିବାବେଳେ ବିଏମ୍‌ସି କେବଳ ଦୁର୍ଗାପୂଜା ସମୟରେ ହାତଗଣତି ଦୋକାନ ବଜାର ଉପରେ ଚଢାଉ କରି ଖାଦ୍ୟ ଯାଞ୍ଚ କରି ଚୁପ୍ ବସିଯାଉଛି। ମେଳାରେ କିପରି ଲୋକେ ସ୍ୱାସ୍ଥ୍ୟକର ଖାଦ୍ୟ ପାଇବେ, ସେ ନେଇ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସହରରେ ଛତୁଫୁଟିବା ଭଳି ରାସ୍ତାକଡ଼, ଗଳିକନ୍ଦିରେ ଖାଦ୍ୟ ଷ୍ଟଲ୍ ଖୋଲୁଥିବାବେଳେ ସେଠାରେ ମଧ୍ୟ ଖାଦ୍ୟର ମାନକୁ ନେଇ ବିଏମ୍‌ସି ନଜର ଦେଉନାହିଁ। ରଙ୍ଗଦିଆ ଫଳ ଓ ପନିପରିବା ବିକ୍ରି ହେଉଥିବାବେଳେ ଏହାକୁ ଖାଇ ଲୋକେ ବାନ୍ତି, ପେଟକାଟିବା, ଟାଇଫଏଡ୍, ଜଣ୍ଡିସ୍ ଭଳି ବିଭିନ୍ନ ରୋଗର ଶିକାର ହେଉଥିବା ଦେଖା ଯାଉଛି।

### ୧୩ଲକ୍ଷ ଲୋକଙ୍କ ପାଇଁ ମାତ୍ର ୨ ଅଧିକାରୀ, ୫ ଫିଲ୍ଡ ଅଫିସର

ଖାଦ୍ୟ ସୁରକ୍ଷା ଆଇନ-୨୦୦୬ ଅନୁଯାୟୀ, ପ୍ରତି ୧ଲକ୍ଷ ଜନସଂଖ୍ୟାରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିୟୋଜିତ କରାଯିବା କଥା। ଏବେ ଭୁବନେଶ୍ୱରର ଜନସଂଖ୍ୟା ପ୍ରାୟ ୧୩ଲକ୍ଷ ଛୁଇଁବାକୁ ବସିଥିବାବେଳେ ଖାଦ୍ୟର ମାନ ଯାଞ୍ଚ ଓ ସଚେତନତା ପାଇଁ ଅତି କମ୍‌ରେ ୧୨ଜଣ ଅଧିକାରୀ ରହିବା କଥା। ମାତ୍ର ବିଏମ୍‌ସିର ୩ ଜୋନ୍‌ରେ ଏବେ ମାତ୍ର ୨ଜଣ ଖାଦ୍ୟ ନିରାପତ୍ତା ଅଧିକାରୀ ରହିଛନ୍ତି। ଜଣେ ଅଧିକାରୀଙ୍କ ଦାୟିତ୍ୱରେ ୨ଟି ଜୋନ୍ ଅର୍ଥାତ୍ ୪୨ଟି ୱାର୍ଡ ରହିଥିବାବେଳେ ଅନ୍ୟ ଜଣଙ୍କ ଅଧୀନରେ ୨୫ଟି ୱାର୍ଡ ରହିଛି। ସେମାନଙ୍କ ଅଧୀନରେ ମାତ୍ର ୫ଜଣ ଫିଲ୍ଡ ଅଫିସର ରହିଛନ୍ତି। ଜଣେ ଫିଲ୍ଡ ଅଫିସରଙ୍କ ଅଧୀନରେ ୯/୧୦ଟି ୱାର୍ଡ ରହୁଛି। ତେଣୁ ମୋଟ୍ ୭ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏତେବଡ ସହରରେ ଖାଦ୍ୟର ମାନ ଠିକ୍ ଭାବେ ଯାଞ୍ଚ କରିବା ସହ ରିପୋର୍ଟ ପ୍ରଦାନ କରିବା ସମ୍ଭବ ହେଉନାହିଁ। କେବଳ ଯେଉଁଠାରୁ ଅଭିଯୋଗ ଆସୁଛି ସେଠାରେ ଚଢାଉ କରାଯାଉଛି ଏବଂ ପରେ ପୁଣି ଥମିଯାଉଛି। ଏନେଇ ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି, କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ଯେଉଁ ଅନୁପାତରେ ଯାଞ୍ଚ ହେବାକଥା ତାହା ହେଉନାହିଁ। ତେବେ ଯେଉଁଠାରେ କିଛି ସନ୍ଦେହ ହେଉଛି ବା ଅଭିଯୋଗ ମିଳୁଛି, ସେଠାରେ ଚଢାଉ କରି ଖାଦ୍ୟର ନମୁନା ପରୀକ୍ଷା ପାଇଁ ରାଜ୍ୟ ଖାଦ୍ୟ ପରୀକ୍ଷାଗାରକୁ ପଠାଯାଉଛି। ପାଣି ବୋତଲର ଗୁଣବତ୍ତା ଯାଞ୍ଚ କରିବା ସହ ପରିଷ୍କାର ପରିଚ୍ଛନତା ଉପରେ ବ୍ୟବସାୟୀଙ୍କୁ ସଚେତନ କରାଯାଉଛି।

## ସଂକ୍ଷେପରେ

### ତିନି ମହଲା କୋଠାରୁ ପଡ଼ି ରାଜମିସ୍ତ୍ରିଙ୍କ ମୃତ୍ୟୁ

ଭୁବନେଶ୍ୱର,୧୫।୬ (ସୂର୍ଯ୍ୟକାନ୍ତ ବେହେରା)

ପ୍ଲାଷ୍ଟର କରୁଥିବାବେଳେ ଏକ ୩ ମହଲା କୋଠାରୁ ଖସି ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ଶନିବାର ଦିନ ପ୍ରାୟ ସାଢେ ୧୨ଟାରେ ଏହି ଘଟଣା ଘଟିଛି। ମୃତକ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ଝାଡ଼ଖଣ୍ଡର ଦୋଲତ ପ୍ରସାଦ(୩୭)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୭୫/୨୦୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କୋଠାର ବାହାର ପାର୍ଶ୍ୱରେ ପ୍ଲାଷ୍ଟର ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଦୋଲତ କେଉଁ ପରିସ୍ଥିତିରେ ଖସିପଡିଲେ, କାମ ବେଳେ ଠିକାଦାର ସୁରକ୍ଷା ଉପକରଣ ଦେଇଥିଲେ କି ନାହିଁ, ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ଅନ୍ୟ ଶ୍ରମିକ ଓ ସମ୍ପୃକ୍ତ ଠିକାଦାରଙ୍କୁ ପଚରାଉଚରା କରିଥିବା ଜଣାପଡିଛି।

### ଅଳିଆଗାଡ଼ି ପାଇଁ ଦୁର୍ଘଟଣା, ବାଇକ୍ ଚାଳକ ମୃତ

ଭୁବନେଶ୍ୱର,୧୫।୬ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସୈନିକସ୍କୁଲ ଅଳିଆଗଦା ନିକଟସ୍ଥ ରାସ୍ତାରେ ଏକ ଅଳିଆ ଗାଡି ପାଇଁ ଜଣେ ଯୁବକଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଦାମୁ ସିଂ (୨୧)। ସେ ଏକ ବାଇକରେ ରେଲ୍‌ୱେ କଲୋନୀ ପାର୍ଶ୍ୱରୁ ଭିଏସ୍‌ଏସ୍ ନଗର ଆଡକୁ ଯାଉଥିବାବେଳେ ଧିରିକୁଟି ସାହି ଡୁଇକୁଟି ଛକରେ ତାଙ୍କୁ ଏକ ଅଳିଆ ବୋଝେଇ ଗାଡି ଦ୍ରୁତଗତିରେ ଅତିକ୍ରମ କରିଥିଲା। ଫଳରେ ସେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଦାମୁଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଉକ୍ତ ରାସ୍ତାରେ ଅଳିଆ ଗାଡିଗୁଡିକ ଦ୍ରୁତଗତିରେ ଅତି ବେପରୁଆ ଭାବେ ଚଳାଚଳ କରୁଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଘଟଣାସ୍ଥଳରେ ହୋହଲ୍ଲା କରିବାରୁ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା।

### ନନ୍ଦନକାନନରେ ନୀଳଗାଈ ମୃତ

ବାରଙ୍ଗ,୧୫।୬ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ଗୋଟିଏ ନୀଳଗାଈର ମୃତ୍ୟୁ ଘଟିଛି। ୬୫ ନଂ. ଏନ୍‌କ୍ଲୋଜରରେ ଥିବା ଏହି ନୀଳଗାଈ କିଛିଦିନ ହେବ ଅସୁସ୍ଥ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କରୁଥିବାବେଳେ ଶନିବାର ତା'ର ମୃତ୍ୟୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି।

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଡିଏ କର୍ମଚାରୀ



ଭୁବନେଶ୍ୱର, ୧୫।୬ (ବନ୍ଦନା ସେଠୀ)

ବିଡିଏ କର୍ମଚାରୀ ୟୁନାଇଟେଡ୍ ଫୋରମ୍ କର୍ମକର୍ତ୍ତା, ବିଡିଏର କାର୍ଯ୍ୟରତ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀ ମିଳିତ ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେମାନେ ବିଡିଏର ବିକାଶ, ବିଡିଏରେ କାର୍ଯ୍ୟରତ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ପରଲୋକଗତ କର୍ମଚାରୀଙ୍କ ପେନ୍‌ସନ୍‌ଜନିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ଉପମୁଖ୍ୟମନ୍ତ୍ରୀ କର୍ମଚାରୀଙ୍କୁ ଆଶ୍ୱସନା ଦେବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଗଙ୍ଗୁଆ ନଦୀ ଜବରଦଖଲ



ପୁରୁଣା ଭୁବନେଶ୍ୱର,୧୫।୬ (ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀରେ ଜନବସତି ବୃଦ୍ଧି ପାଇବା ସହ ଜବରଦଖଲକାରୀମାନେ ନଦୀ, ନାଳ ପୋତି ରାସ୍ତା କରି ପ୍ଲଟିଂ କରି ବିକ୍ରି କରୁଛନ୍ତି। ଜବରଦଖଲ ଯୋଗୁ ଗଙ୍ଗୁଆ ନଦୀ ସଙ୍କୀର୍ଣ୍ଣ ହେବାରେ ଲାଗିଛି। ବିଡିଏ କର୍ତ୍ତୃପକ୍ଷ ଗଙ୍ଗୁଆ ନଦୀ କୂଳ ଜମିକୁ ବ୍ଲୁ ଜୋନ ଘୋଷଣା କରିଛନ୍ତି। ତେବେ କେଶୁରାଠାରୁ ଶିଶୁପାଳ ଗ୍ରାମ ପର୍ଯ୍ୟନ୍ତ ଗଙ୍ଗୁଆ ନଦୀ ନିକଟରେ ଜାତୀୟ ରାଜପଥ ନିର୍ମାଣ ଯୋଗୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ଆବାସିକ କଲୋନୀ ବ୍ଲୁ ଜୋନରେ ଗଢ଼ି ଉଠିଛି। ବିଭିନ୍ନ ସଙ୍ଗଠନ ଏବଂ ସାମାଜିକ କର୍ମୀମାନେ ଗଙ୍ଗୁଆର ପୁନରୁଦ୍ଧାର ପାଇଁ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ।

### ୩୧୭ମିଟର ଓସାର ଏବେ ୩୦ଫୁଟ

ଅନ୍ୟପକ୍ଷରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନକ୍ସାରେ ଟଙ୍କପାଣି ରୋଡ୍ ନିକଟ ଗଙ୍ଗୁଆ ନଦୀ ୩୧୭ମିଟର ଓସାର ରହିଥିବା ବେଳେ ଜବରଦଖଲକାରୀମାନେ ଏହାକୁ ପୋତିବାରୁ ଏବେ ୩୦ଫୁଟ ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଗଙ୍ଗୁଆ ବଞ୍ଚାଅ ଆବାହକ ତଥା କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି, ଏନେଇ ପୂର୍ବରୁ ଅଭିଯୋଗ କରିଆସୁଛୁ। ପ୍ରଥମେ ଜବରଦଖଲ ହଟାଯାଉ। ଗଙ୍ଗୁଆ ନଦୀର ପ୍ରଦୂଷିତ ଜଳକୁ ବିଶୁଦ୍ଧିକରଣ କରାଗଲେ ରାଜଧାନୀବାସୀ ଉପକୃତ ହୋଇପାରିବେ।

ସେହିପରି ଏକାମ୍ର ଜନଜାଗରଣ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି, ସରକାର ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ।

## ୭ ସୁନାଚେନ ଜବତ, ୨ ଲୁଟେରା ସମେତ ୩ ଗିରଫ

ଭୁବନେଶ୍ୱର,୧୫।୬ (ସୂର୍ଯ୍ୟକାନ୍ତ ବେହେରା)

ପଥଚାରୀ ଓ ଚଳନ୍ତା ସ୍କୁଟିରେ ଯାଉଥିବା ମହିଳାଙ୍କ ବେକରୁ ସୁନାଚେନ ଛିନ୍‌ତାଇ କରୁଥିବା ଏକ ତିନିଜଣିଆ ଗ୍ୟାଙ୍ଗକୁ ବରଗଡ଼ ଥାନା ପୋଲିସ ଧରିଛି। ଏଥିସହ ୨ ଜଣ ଲୁଟେରା ଓ ଅନ୍ୟ ଜଣେ ରିସିଭରଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଲୁଟେରାଦ୍ୱୟ ହେଲେ ପବି ପ୍ରସାଦ ସାହୁ ଓ ସୁଧାକର ମହାପାତ୍ର। ରିସିଭର ହେଲେ ସୁରେଶ କୁମାର ଭୋଇ। ସମସ୍ତଙ୍କ ଘର କଟକ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳ ହୋଇଥିବାବେଳେ ସେମାନଙ୍କଠାରୁ ୭ଟି ସୁନାଚେନ, ଗୋଟିଏ ମୋଟରସାଇକେଲ ଓ ମୋବାଇଲ ଜବତ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଅଭିଯୋଗକାରିଣୀ ଶାନ୍ତିପ୍ରିୟା ଦାସ ଜୁନ ୭ ଅପରାହ୍ନ ୨ଟାରୁ ୨ଟା ୧୫ ମଧ୍ୟରେ ବଜାରରୁ ସ୍କୁଟି ଯୋଗେ ମେଘେଶ୍ୱର କଲୋନୀ ରାସ୍ତାରେ ଫେରୁଥିବା ବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପଛରୁ ଆସି ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୯୩/୨୦୨୪) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଗିରଫ ୩ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ହୋଇଥିବା ଲୁଟେରା।

## ମୌଳିକ ଅଧିକାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଦଳିତ ସଂଘ




ଭୁବନେଶ୍ୱର, ୧୫।୬ (ବନ୍ଦନା ସେଠୀ)

ଡକ୍ଟର ବି.ଆର୍. ଆମ୍ବେଦକର ସେବକ ସଂଘ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଅଭିନନ୍ଦନ ଜଣାଯାଇଛି। ସଂଘର ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦଳିତଙ୍କ ମୌଳିକ ଅଧିକାର ପାଇଁ ୧୦ ଦଫା ଦାବି ସମ୍ବଳିତ ସ୍ମାରକୀ ମାନପତ୍ର ପ୍ରଦାନ କରିଛି। ରାଜ୍ୟରେ ଏସ୍.ସି କମିଶନ ଗଠନ, ଘରୋଇ ଶିକ୍ଷାନୁଷ୍ଠାନ ଓ ଠିକା ସଂସ୍ଥାରେ ୪୦% ସ୍ଥାନ ସଂରକ୍ଷଣ, ରାଜଧାନୀ ସମେତ ଜିଲା ଓ ସମସ୍ତ ବ୍ଲକରେ ଆମ୍ବେଦକର ଭବନ ତଥା ସ୍ମାରକୀ ନିର୍ମାଣ, ଜଙ୍ଗଲ, ଖଣିଜ ସମ୍ପଦରେ ଆଦିବାସୀ ଦଳିତଙ୍କ ଭାଗୀଦାରିତା, ଭୂମିହୀନ ଆଦିବାସୀ ଓ ଦଳିତଙ୍କୁ ଜମିପଟ୍ଟା, ବାସହରାଙ୍କୁ ଗୃହ, ସମସ୍ତ ସ୍କୁଲରେ ଏକକ ସିବିଏସ୍‌ଇ ପାଠ୍ୟକ୍ରମ ପ୍ରଚଳନ ପାଇଁ ନିବେଦନ କରାଯାଇଛି। ସଂଘର ରାଜ୍ୟ ସଭାପତି ମନୋରଞ୍ଜନ ଜେନା, କାର୍ଯ୍ୟକାରୀ ସଭାପତି ଦୈତାରୀ ନାୟକ, ସାବିତ୍ରୀ ବାଈ ଫୁଲେ, ସେବାସଂଘ ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଭୋଇ ସମାଜ ଭୁବନେଶ୍ୱର ନେତା ସୁକାନ୍ତ ଭୋଇ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ।

## ସହରର ଡ୍ରେନ୍ ସ୍ଥିତି ସମୀକ୍ଷା କଲେ ଏମ୍‌ପି ଅପରାଜିତା

ଭୁବନେଶ୍ୱର, ୧୫।୬ (ବନ୍ଦନା ସେଠୀ)

ମୌସୁମୀ ଓଡ଼ିଶା ଛୁଇଁ ସାରିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏଯାଏ ସବୁ ଡ୍ରେନ୍ ସଫେଇ ସରିନାହିଁ। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ଡ୍ରେନ୍ ସଫେଇ କରିବାକୁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଥିବାବେଳେ ଶନିବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚି ଡ୍ରେନ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସହର ମଧ୍ୟରେ ଥିବା ୭୭ କି.ମି. ବିଶିଷ୍ଟ ୧୦ଟି ମୁଖ୍ୟ ଡ୍ରେନ, ଆର୍ ଆଣ୍ଡ ବି ଅଧୀନରେ ଥିବା ୩୬୦ କି.ମି. ଡ୍ରେନ୍ ଏବଂ ୯୨୪.୨୭ କି.ମି.ର ଆଭ୍ୟନ୍ତରୀଣ ଡ୍ରେନ୍ ସଫେଇ କାର୍ଯ୍ୟ ସମ୍ପର୍କରେ ପାୱାରପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଡ୍ରେନ୍ ସଫେଇ କାର୍ଯ୍ୟର ତଥ୍ୟ ପ୍ରଦାନ କରାଯାଇଥିଲା। ଏହାବାଦ୍ ସହରର ବିଭିନ୍ନ ସ୍ଥାନରେ ହେଉଥିବା ଜଳବନ୍ଦୀ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ନୟାପଲ୍ଲୀଠାରେ ହେଉଥିବା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପାଇଁ ମେୟର ଏମ୍‌ପି ଅପରାଜିତାଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିପରି ଦୟାୱେଷ୍ଟ କେନାଲ, ଗଙ୍ଗୁଆ ନାଳ ସଫେଇ କାର୍ଯ୍ୟ କରିବାକୁ ମଧ୍ୟ ସେ ପ୍ରସ୍ତାବ ରଖିଥିଲେ।



ବିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମେୟର ସୁଲୋଚନା ଦାସ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

### ଲୋକଙ୍କ ଚାଲିବା ପାଇଁ ଉତ୍ସର୍ଗ ହେବ ରାସ୍ତା

ଅପରପକ୍ଷେ କଳିଙ୍ଗ ଷ୍ଟାଡିୟମ୍‌କୁ ସାଧାରଣ ଲୋକଙ୍କ ପ୍ରବେଶ ପାଇଁ ଏମ୍‌ପି ମେୟରଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରତିଦିନ ୨ଘଣ୍ଟା ପାଇଁ ଷ୍ଟାଡିୟମ୍ ଖୋଲାଗଲେ ଶାରୀରିକ ସୁସ୍ଥତା ପାଇଁ ଲୋକମାନେ ତା' ମଧ୍ୟରେ ଚଲାବୁଲା କରିବେ ବୋଲି କହିଥିଲେ। ତେବେ ଏହି ପ୍ରସ୍ତାବକୁ ମେୟର ପ୍ରତ୍ୟାଖ୍ୟାନ କରିଥିଲେ।

କୋଟିକୋଟି ଟଙ୍କା ଖର୍ଚ୍ଚ କରି ପୂର୍ବ ସରକାର କଳିଙ୍ଗ ଷ୍ଟାଡିୟମ୍‌କୁ ଅନ୍ତର୍ଜାତୀୟ ଖେଳ ପାଇଁ ପ୍ରସ୍ତୁତ କରିଛନ୍ତି। ଅନ୍ତର୍ଜାତୀୟସ୍ତରର ଖେଳାଳିମାନେ ଏଠାକୁ ଆସି ଅଭ୍ୟାସ କରୁଛନ୍ତି। ଏଭଳିସ୍ଥଳେ ଷ୍ଟାଡିୟମ୍‌କୁ ସାଧାରଣଲୋକଙ୍କ ପାଇଁ ଉନ୍ମୁକ୍ତ କରାଗଲେ ବହୁ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ଲୋକଙ୍କ ପାଇଁ ମୁକ୍ତାକାଶ ଜିମ୍‌ଠାରୁ ଆରମ୍ଭ କରି ପାଦଚଲା ରାସ୍ତା, ପାର୍କ ଆଦି କରାଯାଇଛି। ସେମାନେ ସେଠାରେ ଚଲାବୁଲା କରିବା ସହ ବ୍ୟାୟାମ କରିପାରିବେ ବୋଲି ମେୟର କହିଥିଲେ। ଏହାବାଦ୍ ଖୁବ୍‌ଶୀଘ୍ର କେବଳ ଲୋକଙ୍କ ଚାଲିବା ପାଇଁ କିଛି ରାସ୍ତାକୁ ଉତ୍ସର୍ଗ କରାଯିବ। ପ୍ରତିଦିନ ସକାଳୁ ୨ଘଣ୍ଟା ପର୍ଯ୍ୟନ୍ତ ସମ୍ପୃକ୍ତ ରାସ୍ତାରେ ଲୋକେ ଚାଲିବେ। ଏହି ସମୟରେ ସେଠାରେ କୌଣସି ଗାଡ଼ିମୋଟର ଯିବାଆସିବା କରିବ ନାହିଁ। ତେବେ ଏନେଇ କର୍ପୋରେଶନ ବୈଠକରେ ପ୍ରସ୍ତାବ ଆଗତ ହେବ। ପ୍ରସ୍ତାବ ପାସ୍ ହେବା ପରେ ଏନେଇ କାର୍ଯ୍ୟ ଆଗେଇବ ବୋଲି ମେୟର ସୂଚନା ଦେଇଥିଲେ। ମେୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ଉତ୍ତର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଏବଂ ଭାଜପାର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ବିଶ୍ୱସ୍ତରୀୟ ହେବ ପାଇକ ସ୍ମାରକୀ: ପୃଥ୍ୱୀରାଜ

ଖୋର୍ଦ୍ଧା,୧୫।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ସାମାଜିକ ଅନୁଷ୍ଠାନ 'ଦିଶାନ୍ତ' ପକ୍ଷରୁ ବରୁଣେଇ ପୀଠରେ ୧୬ତମ ତ୍ରିଦିବସୀୟ ରଜ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ଦିଶାନ୍ତ ସଭାପତି ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ, ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନର ପ୍ରତୀକ। ପାଇକ ବୀରଙ୍କ ସ୍ମୃତିଚିହ୍ନ ସ୍ୱରୂପ ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ୨୦୧୯ ଡିସେମ୍ବର ୮ରେ ଶିଳାନ୍ୟାସ ଦିଆଯାଇଛି। ତତ୍କାଳୀନ ସରକାରଙ୍କ ଅବହେଳାରୁ ଏହାର କାର୍ଯ୍ୟ ଆଗେଇ ପାରିଲା ନାହିଁ। ତେବେ ଆସନ୍ତା ୨୧ତାରିଖରେ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏମ୍‌ପି, ବିଧାୟକଙ୍କ ଉପସ୍ଥିତିରେ ଜିଲାପାଳଙ୍କ ସହ ଆଲୋଚନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରାଯାଇ ପାଇକ ସ୍ମାରକୀ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଏଥିସହ ବରୁଣେଇ ପାହାଡ଼ ଉପରେ ବକ୍ସିଙ୍କ ଘୋଡ଼ା ଉପରେ ପ୍ରାୟ ଶହେ ଫୁଟର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ବିଶ୍ୱସ୍ତରୀୟ ହେବ ପାଇକ ସ୍ମାରକୀ। ଏହା ଦ୍ୱାରା ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ ଉପରେ ଗବେଷକମାନେ ଗବେଷଣା କରିବାର ସୁଯୋଗ ପାଇବେ ବୋଲି ହରିଚନ୍ଦନ କହିଛନ୍ତି।

ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ରଜ ଓଡ଼ିଶାର ସଂସ୍କୃତି ପରମ୍ପରାକୁ ଯୋଡ଼ିଥାଏ। ରଜ ମହୋତ୍ସବ ସମୟରେ ପାଇକ ସ୍ମାରକୀ ନିର୍ମାଣ ବିଷୟରେ ସ୍ଥାନୀୟ ବିଧାୟକ ଏବଂ ମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ଖୁବ୍‌ଶୀଘ୍ର ଯେପରି ଏହାର କାର୍ଯ୍ୟ ଆରମ୍ଭ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଅନ୍ୟତମ ଅତିଥି ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ପୂର୍ବ ସରକାରଙ୍କ ଅବହେଳାରୁ ସ୍ମାରକୀ ନିର୍ମାଣରେ ବିଳମ୍ବ ଘଟିଲା। ସ୍ମାରକୀ ନିର୍ମାଣ ପାଇଁ ୧୦ଏକର ପର୍ଯ୍ୟାପ୍ତ ନୁହଁ, ଆହୁରି ୫୦ଏକର ଜମି ଯୋଗାଇଦେବା ପାଇଁ ସରକାରଙ୍କୁ ନିବେଦନ କରାଯିବ। ବିଶ୍ୱସ୍ତରୀୟ ସ୍ମାରକୀ ସହ ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ, ପାହାଡ଼ ଉପରକୁ ଯିବା ପାଇଁ ରୋପୱେ, ଐତିହ୍ୟ ସୀତାକୁଣ୍ଡର ପୁନରୁଦ୍ଧାର, ଗଡ଼ଖୋର୍ଦ୍ଧାର ବିକାଶ ଏବଂ ଶହୀଦଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ମହୋତ୍ସବରେ ସଙ୍କଳ୍ପ ନିଆଯାଇଛି। ସେହିପରି ସଭାପତିତ୍ୱ ଭାଷଣରେ ପୂର୍ବତନ ବିଧାୟକ ମିତ୍ର କହିଥିଲେ, ଖୋର୍ଦ୍ଧାର ଗୌରବମୟ ଇତିହାସ ରହିଛି। ନାରୀ ଓ ପ୍ରକୃତି ଉପାସନାର ଏକ ଅନନ୍ୟ ପର୍ବ ହେଉଛି ରଜ। ଦିଶାନ୍ତର ସମ୍ପାଦକ ଦିଲୀପ କୁମାର ପରିଡା ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ସଞ୍ଜୀବ ପରିଡା, ଉପସଭାପତି ନିରଞ୍ଜନ ନାୟକ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିବସ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶୀ, ପାଇକ ଆଖଡା, ସମ୍ବଲପୁରୀ, ଆଧୁନିକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପୂର୍ବାହ୍ନରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମହୋତ୍ସବ ଅବସରରେ ବରୁଣେଇ ପାଦଦେଶରେ ବିଭିନ୍ନ ଦୋକାନ, ଫାଷ୍ଟଫୁଡ, ଘରକରଣା ସାଜସଜ୍ଜା, ପିଲାଙ୍କ ଖେଳଣା ଆଦି ପସରା ମେଲିଛି। ଶତାଧିକ ପର୍ଯ୍ୟଟକ, ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ଅସ୍ଥାୟୀ ପୋଲିସ ସହାୟତା କେନ୍ଦ୍ର କରାଯାଇଥିବା ବେଳେ ୨ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ପରିଚାଳନାରେ ଶହେରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି।


ରଜ ମହୋତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ**

- ସୀତାକୁଣ୍ଡର ପୁନରୁଦ୍ଧାର, ପୀଠର ସୌନ୍ଦର୍ଯ୍ୟକରଣ ହେବ
- ଓଡ଼ିଶୀ, ପାଇକ ଆଖଡ଼ା, ପିଲାଙ୍କ ନୃତ୍ୟ ଆକର୍ଷଣ ସାଜିଲା


ଖୋର୍ଦ୍ଧା ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟନୀ ଦିବସରେ ଶନିବାର ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ରାନ୍ତିରେ ଲାଗିହେଲା ଆମିଷ ଭୋଗ

ବୋଲଗଡ,୧୫।୬(ଦେବବ୍ରତ ହୋତା)

**କୋଶଳାଶୁଣୀ ପୀଠରେ ରଜ ଉତ୍ସବ**

ବୋଲଗଡ଼ ବ୍ଲକ ଆରିକମା ନିକଟ ଜଙ୍ଗଲରେ ପୂଜା ପାଉଥିବା ମା' କୋଶଳାଶୁଣୀ ପୀଠରେ ରଜ ପର୍ବ ପାଳନ କରାଯାଉଛି। ରଜ ସଂକ୍ରାନ୍ତିରେ ତଥା ଶନିବାର ଏଠାରେ ଦେବୀଙ୍କୁ ଆମିଷ ଭୋଗ ଲାଗି ପରେ ପ୍ରସାଦ ଭାବେ ଭକ୍ତମାନେ ଗ୍ରହଣ କରିଥିଲେ।

ସୂଚନା ମୁତାବକ, ଗ୍ରାମରେ ଥିବା ନେଳିଆ ପୋଖରୀରୁ ମାଛ ଧରାଯାଇ ଗ୍ରାମର ପ୍ରତ୍ୟେକ ପରିବାର ମଧ୍ୟରେ ବଣ୍ଟାଯାଇଥିଲା। ପରେ ଗ୍ରାମର ପ୍ରତ୍ୟେକ ପରିବାର ବନ୍ଧୁବାନ୍ଧବଙ୍କ ସହ ଏହି ମାଛକୁ ଧରି ଶୁଦ୍ଧପୂତ ଭାବେ ରାତିରେ ପୀଠରେ ପହଞ୍ଚି ନୂତନ ମାଟି ହାଣ୍ଡିରେ ରାନ୍ଧିବା ପରେ ମା'ଙ୍କୁ ସମର୍ପଣ କରି ସେଠାରେ ପ୍ରସାଦଭାବେ ଗ୍ରହଣ କରିଥିଲେ। ଏହାପରେ ସେଠାରେ ସାମୂହିକ ଭାବେ ଉକ୍ତ ମାଟି ହାଣ୍ଡିଗୁଡ଼ିକୁ ଭାଙ୍ଗିଥିଲେ। ଏଥିପାଇଁ ଏହାକୁ ହାଣ୍ଡି ଭଙ୍ଗା ଯାତ୍ରା ମଧ୍ୟ କୁହାଯାଇଥାଏ। ସେହିପରି ଅସରଳା ଓ ସଂପୁର ଗ୍ରାମରେ ରଜପର୍ବ ଅବସରରେ ନାଟକ ପରିବେଷଣ ସହ ଯାତ୍ରା ଏବଂ ବୋଲଗଡ଼ସ୍ଥିତ ରଜପଡିଆରେ ରଜପର୍ବ ଦିନରେ ମା'ରାମଚଣ୍ଡୀ ବିରାଟ ପଟୁଆରରେ ଗଡସାହି ସ୍ଥିତ ସ୍ୱମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରିବା ପରେ ସେଠାରେ ଆସ୍ଥାନ ଜମାଇଥାନ୍ତି। ଏହି ପଟୁଆର ଓ ଯାତ୍ରା ଦେଖିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଜନସମାଗମ ହେଉଛି।



## ଗୁଡୁମରେ ରଜ ମହୋତ୍ସବ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ବେଗୁନିଆ,୧୫।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୁଡୁମ ଗ୍ରାମର ଆରାଧ ରାମଚଣ୍ଡୀ ଦେବୀଙ୍କ ମନ୍ଦିର ପରିସରରେ ୩୨ତମ ରଜ ମହୋତ୍ସବ ଆରମ୍ଭ ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହୋତ୍ସବ ପରମ୍ପରା ସହ ଯୋଡ଼ି ହେବାକୁ ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବତ୍ ବୀରେନ କୁମାର ନାୟକ ମୁଖ୍ୟ ବକ୍ତା, ସ୍ଥାନୀୟ ସରପଞ୍ଚ ଦେବାଶିଷ ବେହେରା, ସାମାଜିକକର୍ମୀ ସୁଶାନ୍ତ ମହାପାତ୍ର, ପୂର୍ବତନ ସରପଞ୍ଚ ଲୋଚନ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ

କୃଷ୍ଣପ୍ରସାଦ,୧୫।୬
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ନୂଆପଡ଼ା ଗ୍ରାମର ସାମାଜିକର୍ମୀ କେଦାରନାଥ ଜେନାଙ୍କ ଅନ୍ନପୂର୍ଣ୍ଣା ଜେନାଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ଥିଲେ। ଖବରପାଇ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ନପୂର୍ଣ୍ଣାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ କଲ୍ୟାଣ କୁମାର ମୁଖାଗ୍ନି ଦେଇଥିଲେ।

## ସଂକ୍ଷେପରେ

### 'ସମନ୍ୱୟ ରହିଲେ ସମସ୍ୟାର ସମାଧାନ ହୋଇପାରିବ'

ବେଗୁନିଆ,୧୫।୬(ସନ୍ଧ୍ୟାରାଣୀ ମିଶ୍ର)

ରଜ ପର୍ବ ଅବସରରେ ବାଘମାରୀ ସ୍ଥିତ ଅତ୍ରି ଉଷ୍ଣ ପ୍ରସ୍ରବଣ ପାନ୍ଥନିବାସଠାରେ ସାମ୍ବାଦିକ ସଂଘର ଉପଦେଷ୍ଟା ଶିକ୍ଷାବିତ୍ ତଥା ଖବରଦାତା ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ପ୍ରାରମ୍ଭରେ ସଂଘ ପକ୍ଷରୁ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ସାହୁ ସଂଘର ଉତ୍ତୋରତର ଉନ୍ନତି କାମନା କରିବା ସହ ନିର୍ବାଚନମଣ୍ଡଳୀରେ ଥିବା ସମସ୍ୟାଗୁଡିକ ନଜରକୁ ଆଣିଲେ ପ୍ରଶାସନର ସହଯୋଗରେ ସମାଧାନ କରିବା ପାଇଁ ଚେଷ୍ଟା କରାଯିବ। ସାମ୍ବାଦିକ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରହିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ। ଯୋଗେଶ୍ୱର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ରଥ, ସଂଗ୍ରାମ କେଶରୀ ସାମନ୍ତସିଂହାର, ଜାଗେଶ୍ୱର ପ୍ରଧାନ, ସମୀର ସୁନ୍ଦରାୟ, ଗଣେଶ୍ୱର ମହାପାତ୍ର, ବିଜୟ କେତନ ପଣ୍ଡା ଉପସ୍ଥିତ ଥିଲେ। ବିବେକାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

ବାଣପୁର,୧୫।୬(ଦିଲୀପ ସ୍ୱାଇଁ)

ସ୍ଥାନୀୟ ଅଞ୍ଚଳର ଖବରଦାତା ପ୍ରଦ୍ୟୁମ୍ନ ରଞ୍ଜନ ସୁଆରଙ୍କ ମା' ତମାଳ ସୁଆରଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ହୋଇଥିଲା। ସେ ଜଣେ ମେଳାପୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସୁନାଖଳା, ନାରୁଣୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନାରୁଣୀ ସ୍ଥିତ ଚିଲିକା ଜର୍ଣ୍ଣାଲିଷ୍ଟ ୟୁନିୟନ ପକ୍ଷରୁ ସଭାପତି ଭିକାରୀ ଚରଣ ପ୍ରଧାନ, ସମ୍ପାଦକ ପ୍ରଦୋଷ ଦାସ, ମନୋଜ ମୋହନ ବରାଳ, ପ୍ରକାଶ ସୁବୁଦ୍ଧିଙ୍କ ସମେତ ସମସ୍ତ ସଭ୍ୟ ଶୋକପ୍ରକାଶ କରିଥିଲେ।

# 'ପରମ୍ପରାକୁ ଉଜ୍ଜୀବିତ କରିଛି ମହୋତ୍ସବ'

ବେଗୁନିଆ,୧୫।୬ (ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଭାଇଚାରା ଓ କୃଷିଭିତ୍ତିକ ପର୍ବ ଭାବେ ପରିଚିତ ରଜପର୍ବ ବେଗୁନିଆ ବ୍ଲକର ପୁରପଲ୍ଲୀରେ ଶନିବାର ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଗୁନିଆ ସଦର ମହକୁମା ସ୍ଥିତ ଦଧିବାମନ ଦେବଙ୍କ ଆମ୍ରକାନନ ପରିସରରେ ପାଳିତ ହୋଇଥିବା ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବର ପ୍ରଥମ ପର୍ଯ୍ୟାୟରେ ରଜବତୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଅନ୍ତାକ୍ଷରୀ, ଦୌଡିଡିଆଁ, ପିଠା, କୁଇଜ, ଅନ୍ଧପୁତୁଳି ଆଦି ପ୍ରତିଯୋଗିତା ହୋଇଥିଲା। ସେହିପରି ରଜରାଣୀଙ୍କ ମଧ୍ୟରେ ମେହେନ୍ଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ପ୍ରୀତିମୟୀ ଦାସ, ଦ୍ୱିତୀୟ ସ୍ଥାନ ପାୟଲ କହଲସିଂହ ଏବଂ ତୃତୀୟ ସ୍ଥାନ ଈପ୍ସିତା ଜେନାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଦିବାକର ସାହୁ ବକ୍ତାଭାବେ ଉପସ୍ଥିତ ଥିଲେ। ଆୟୋଜକ କମିଟିର ସଭାପତି ହିମାଂଶୁ ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା। ପ୍ରତାପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଗଙ୍ଗାଧର ମାର୍ଥା ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡିଆ ଜାତିର ଗୌରବ ହେଉଛି ମହୋତ୍ସବ। ପୁରାତନ ପରମ୍ପରା, ସଂସ୍କୃତି ଐତିହ୍ୟ, କଳା ଏଠାରେ ଦେଖିବାକୁ ମିଳିଥାଏ ବୋଲି ଅତିଥି ପଣ୍ଡା ମତବ୍ୟକ୍ତ କରିଥିଲେ। ପରେ ସୁଶ୍ରୀ ଉତ୍କଳିକା ସାହୁ, ଭବ୍ୟତା ସାହୁ ଏବଂ ଆର୍ଯ୍ୟା ଦାସଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ସଙ୍ଗୀତ ପରିବେଷଣ ହୋଇଥିଲା। ଶେଷରେ ଗ୍ରୀନ ଷ୍ଟାର ମେଲୋଡି ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।


ବେଗୁନିଆ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

## ପଞ୍ଚ ପାଇକଙ୍କ ପୀଠରେ ପୁଷ୍ପମାଲ୍ୟାର୍ପଣ

ଖୋର୍ଦ୍ଧା,୧୫।୬(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟ ପଞ୍ଚ ପାଇକ ପୀଠରେ ଶନିବାର ଅପରାହ୍ନରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବିଧାୟକ ପ୍ରଶାନ୍ତ ଜଗଦେବ ପୁଷ୍ପମାଲ୍ୟାର୍ପଣ କରିଛନ୍ତି। ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ଓ ନିଖିଳ ଓଡ଼ିଶା ପାଇକ ଆଖଡ଼ା ମହାସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ବାସନ୍ତୀ ମହାପାତ୍ର, ଭାଜପା ଜିଲା ସଭାପତି ରଶ୍ମି ମହାପାତ୍ର, ପରିଷଦର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ, ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ପାଇକ ଆଖଡ଼ା ମହାସଂଘର ସଭାପତି ଅଶୋକ ପାଲଟାସିଂ, ସଂଯୋଜକ କେଦାର ଦାସ, ଶୋଭନ୍ ଘୋଷ, ଗୁଣନିଧି ମହାପାତ୍ର, ଦୀପକ ହୋତା ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ମନମୋହିଲା




ଟାଙ୍ଗୀ,୧୫।୬(ରଘୁନାଥ ସାହୁ)

**କୁହୁଡ଼ି ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଟାଙ୍ଗୀ ବ୍ଲକ କୁହୁଡ଼ି ପଞ୍ଚାୟତର ମା'ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ଓ କୁହୁଡ଼ି ଗ୍ରାମବାସୀଙ୍କ ସହଯୋଗରେ ରଜ ପଡ଼ିଆରେ ଅନୁଷ୍ଠିତ ରଜ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୀଳଶୈଳ ନୃତ୍ୟାଙ୍ଗନ ଗ୍ରୁପ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ବାବା ଈଶାନେଶ୍ୱର ନାଟ୍ୟ ସଂସଦ ବାଙ୍କୀ ପକ୍ଷରୁ 'କାନ୍ଦେନା ଲୁହ ସରିଯିବ' ନାଟକ ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ବାଳିକା ଓ ମହିଳାମାନଙ୍କ ପାଇଁ ରଜଦୋଳି ଉତ୍ସବ ଆୟୋଜନ କରାଯାଇଥିଲା। କୁନି ପିଲାମାନଙ୍କ ଦ୍ୱାରା ମ୍ୟୁଜିକ ଚେୟାର, ଦଉଡ଼ି ଡ଼ିଆଁ, ବାସ୍କେଟ ବଲ, ଗ୍ଲାସ ପିରାମିଡ, ଫୁଚି ଖେଳ ଓ ଲେମ୍ବୁ ଚାମଚ ଖେଳ ହୋଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ମଧ ବ୍ୟାପକ ପ୍ରସ୍ତୁତି କରାଯାଇଥିଲ। ଅନୁଷ୍ଠାନ ପକ୍ଷରୁ ପଲିଥିନ ମୁକ୍ତ କରିବା ପାଇଁ ଅଭିନବ ପ୍ରୟାସ କରାଯାଇଛି। ଅନୁଷ୍ଠାନ ସଭାପତି ପୂର୍ବତନ ସରପଞ୍ଚ ଜୟଦେବ ବେହେରା ଉତ୍ସବରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି।

# ଜମୁଛି ବରୁଣେଇ ରଜ ମହୋତ୍ସବ, ମେଳା

ଖୋର୍ଦ୍ଧା,୧୫।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବରୁଣେଇ ପୀଠରେ ରଜ ପର୍ବ ସହିତ ବରୁଣେଇ ମେଳା ହେଉଛି। ପୀଠରେ କେଉଁ ଆବହନ କାଳରୁ ରାଜରାଜୁଡ଼ା ସମୟରୁ ଏଠାରେ ରଜମେଳା ଅନୁଷ୍ଠିତ ହୋଇଆସୁଛି। ସେହିପରି ସାମାଜିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ଏଠାରେ ରଜ ମହୋତ୍ସବ ଶନିବାର ଆରମ୍ଭ ହୋଇଛି। ମା'ବରୁଣେଇ ଏବଂ କରୁଣେଇଙ୍କ ଆଶୀର୍ବାଦ ଲାଭ ସହ ରଜପାନ, ଦୋଳିର ମଜା ନେଇଥାନ୍ତି ପର୍ଯ୍ୟଟକ। ଉଦ୍‌ଘାଟନୀ ଦିବସରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ବରୁଣେଇ ମହୋତ୍ସବରେ ମୁଖ୍ୟ ଆର୍କଷଣ ସାଜିଛି ପିଲାଙ୍କ ମିକି ମାଉସ, ରଜଦୋଳି, ମୀନାବଜାର। ବାଲ ଗଣେଶ, ବାଲ ହନୁମାନ ଦୋଳି, ଡଙ୍ଗାରେ ବସି ପିଲାମାନେ ମଜା ଉଠାଇଥିଲେ। ସେହିପରି ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ବରକୋଳି। ଏଠାରେ ବର୍ଷସାରା ବିକ୍ରି ହେଉଥିଲେ ମଧ ରଜ ମହୋତ୍ସବରେ ଚାହିଦା ବୃଦ୍ଧି ପାଇଥିଲା। ମହୋତ୍ସବରେ ଯୁବତୀ ଓ ମହିଳାମାନେ ବରକୋଳି ଖାଇବା ସହ ମେଳା ବୁଲିଥିଲେ। ମେଳାରେ ପଡ଼ିଥିବା ଚାର୍ଟ ସହିତ ଦହିବରା ବ୍ୟବସାୟୀଙ୍କ ନିକଟରେ ଭିଡ଼ ଜମିଥିଲା। ଲୋକଙ୍କ ଚାହିଦା ମୁତାବକ ବିଭିନ୍ନ ଭେରାଇଟିର ଚାର୍ଟ ପ୍ରସ୍ତୁତ କରାଯାଇଥିବା ଜଣେ ବ୍ୟବସାୟୀ କହିଛନ୍ତି।



ବରୁଣେଇ ରଜ ମହୋତ୍ସବରେ ଲୋକଙ୍କ ଭିଡ଼।

### ପୋଲିସ, ସ୍ୱେଚ୍ଛାସେବୀ ନାକେଦମ

ମହୋତ୍ସବରେ ଟ୍ରାଫିକ ବ୍ୟବସ୍ଥା ଅନିୟନ୍ତ୍ରିତ ହୋଇପଡିଛି। ଟ୍ରାଫିକ ନିୟନ୍ତ୍ରଣ ଲାଗି ୨ପ୍ଲାଟୁନ ଫୋର୍ସ ସହ ଶହେରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ ଅଛନ୍ତି। ପାଇକ ସ୍ମାରକୀ ସ୍ଥଳରେ ଚାରିଚକିଆ, ପାର୍କ ଏବଂ ନିକଟ ଦୁଇଟି ସ୍ଥାନ ମୋଟ ୩ଟି ସ୍ଥାନରେ ବାଇକ ପାର୍କିଂ କରାଯାଇଛି। ଲୋକଙ୍କ ଗହଳି ଲାଗି ରହିଥିବାରୁ ଯାନବାହନ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ରାସ୍ତାରେ ଅସମ୍ଭାଳ ଭିଡ଼ ରହିଥିଲା। ପୋଲିସ ଏବଂ ସ୍ୱେଚ୍ଛାସେବୀଙ୍କୁ ନାକେଦମ ହେବାକୁ ପଡିଛି।

### ଅଳିଆ, ଆବର୍ଜନା ପଡ଼ିରହିଛି

ବରୁଣେଇ ପୀଠରେ ରଜ ମହୋତ୍ସବ ଅବସରେ ପ୍ରବଳ ଜନସମାଗମ ରହିଛି। ଚାରିଆଡେ ଛତୁଫୁଟିବା ଭଳି ଦୋକାନ ଖୋଲିଛି। ବରୁଣେଇ ପୀଠ ଚାରିପଟ ଅଳିଆ ଆବର୍ଜନା ଭରି ରହିଛି। କୁଢ଼କୁଢ ଅଳିଆ ପଡି ରହିଥିବା ବେଳେ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଇ ନାହିଁ।

### ପର୍ଯ୍ୟାପ୍ତ ହଉନି ଆଲୋକୀକରଣ ବ୍ୟବସ୍ଥା

ରଜ ଉତ୍ସବ ସମୟରେ ମା'ଙ୍କ ଦର୍ଶନ ସହ ମେଳା, ମହୋତ୍ସବ ମଜା ଉଠାଇବା ପାଇଁ ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥାଏ। ସନ୍ଧ୍ୟା ସମୟରେ ପ୍ରବଳ ଜନସମାଗମ ହୋଇଥାଏ। ତେବେ ବରୁଣେଇ ମଖ୍ୟ ରାସ୍ତାରୁ ପୀଠକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାରମୟ। ମହୋତ୍ସବ କମିଟି ପକ୍ଷରୁ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି, ତାହା ପର୍ଯ୍ୟାପ୍ତ ନୁହଁ। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ।



ରଜ ସଂକ୍ରାନ୍ତିରେ କଟକ ଚାଉଳିଆଗଞ୍ଜ ଖେଳପଡ଼ିଆରେ ଝିଅମାନେ ପୁଚି ଖେଳୁଛନ୍ତି।



କଟକର ଏକ ହନୁମାନ ମନ୍ଦିର ସମ୍ମୁଖ ପିଣ୍ଡିରେ ଲୋକମାନେ ପଶା ଖେଳୁଛନ୍ତି।

# ପିଠା ଖାଇଲେ: ଦୋଳି, ପୁଚି ଖେଳି ମଜା ଉଠାଇଲେ

କଟକ,୧୫।୬(କାର୍ତ୍ତିକ ସାହୁ)

କଟକ ସହର ସମେତ ଆଖପାଖ ଅଞ୍ଚଳରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଶନିବାର ରଜ ସଂକ୍ରାନ୍ତିରେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଯୁବତୀମାନେ ପୋଡ଼ପିଠା, ପାନ ଖାଇବା ସହ ଦୋଳି ଖେଳି ମଜା ଉଠାଇଥିଲେ। କଟକ ଚାଉଳିଆଗଞ୍ଜ ଖେଳପଡିଆରେ ଅନୁଷ୍ଠିତ ରଜ ମହୋତ୍ସବରେ ଝିଅମାନେ ପୁଚି ଓ ଦୋଳି ଖେଳୁଥିବା ଦେଖିବାକୁ ମିଳିଥିଲା। ଏଥିସହ କଟକ ଡଗରପଡା ହନୁମାନ ମନ୍ଦିର ସମ୍ମୁଖ ପିଣ୍ଡିରେ ଲୋକମାନେ ପଶା ଖେଳିଥିଲେ। ପରମ୍ପରାକୁ ବଜାୟ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲୋକଙ୍କ ମନୋରଞ୍ଜନ ପାଇଁ ଆକର୍ଷଣୀୟ କାର୍ଯ୍ୟକ୍ରମ କରାଯାଇଛି। ବ୍ୟସ୍ତବହୁଳ ଜୀବନରୁ ବାହାରି ଲୋକମାନେ ନିଜକୁ ହାଲକା କରିବାର ଅବସର ପାଇଛନ୍ତି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବଡ଼ବଜାରସ୍ଥିତ ଶ୍ରୀ ଶ୍ରୀ ସତ୍ୟନାରାୟଣ ପାଲା ସମିତି ପ୍ରାଙ୍ଗଣରେ ସାମାଜିକ ଅନୁଷ୍ଠାନ ସୁନାଦୂବ ପକ୍ଷରୁ ରଜପର୍ବ ପାଳିତ ହୋଇଯାଇଛି। ଅରେଞ୍ଜ ଗ୍ରୁପ୍‌ର ଟ୍ରଷ୍ଟି ସଙ୍ଗୀତା ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗ୍ରାମର ଝିଅ ଓ ବୋହୂମାନଙ୍କ ମଧ୍ୟରେ ଝୋଟି, ପୋଡ଼ପିଠା, ପୁଚି, ହୁଳହୁଳି ସହ ରଜ କୁଇନ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାଗୁଡିକୁ ଅନୁଷ୍ଠାନର ମଞ୍ଜୁଲତା ଜେନା, ଶୁଭ୍ରାଂଶୁ ମିଶ୍ର ପରିଚାଳନା କରିଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦୀପ୍ତିମୟୀ ବାରିକଙ୍କୁ ରଜ କୁଇନ୍-୨୦୨୪ର ବିଜେତା ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ଅଜୟ କୁମାର ବେହେରା, ମୁଖ୍ୟବକ୍ତା ସମୃଦ୍ଧି ମହାସଂଘର ସଭାପତି ସସ୍ମିତା ବେଉରା, ସମ୍ମାନିତ ବକ୍ତା ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ମାନସ ସାହୁ, ସମ୍ମାନିତ ଅତିଥି ଭାବେ ୱାର୍ଡ ସଭାପତି ସରସୀ ଚୌଧୁରୀ ଯୋଗଦେଇ ରଜ ପର୍ବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳରେ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପ୍ରଚେଷ୍ଟାରେ ହେଉଥିବା ଏହି କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ।



ବଡ଼ବଜାରସ୍ଥିତ ଶ୍ରୀଶ୍ରୀ ସତ୍ୟନାରାୟଣ ପାଲା ସମିତି ପ୍ରାଙ୍ଗଣରେ ଅନୁଷ୍ଠିତ ରଜ କୁଇନ୍ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

କଟକ ମହାନଗର ନିଗମ ଅଧୀନ ପୋପରଡ଼ା ଅଞ୍ଚଳରେ ରଜ ଉତ୍ସବ ଅବସରରେ ୫ ଦିନିଆ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। କାଠଯୋଡ଼ି ସାହିତ୍ୟ ସଂସଦ ପକ୍ଷରୁ ଶନିବାର ପାଲାଗାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗାୟକ କଲ୍ଲୋକ ବନବିହାରୀ ଗ୍ରହାଚାର୍ଯ୍ୟ ଓ ଗାୟକ ବାଚସ୍ପତି ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଛି। ସଂସଦର ସଭାପତି ସାନ୍ତ୍ୱନା ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରମୋଦ ପ୍ରଧାନ, ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁ, ଦୁର୍ଯ୍ୟୋଧନ ବେହେରା, ରବି ରାଉତରାୟ ଓ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ ଓ ସମ୍ପାଦକ ବାବାଜୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ କ୍ଲବରେ ଅନୁଷ୍ଠିତ ରଜ ଉତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।



କଟକ ରାଜାବଗିଚାସ୍ଥିତ ସର୍ବୋଦୟପୁରଠାରେ ଖୋଲିଥିବା ଦୋକାନରୁ ପିଲାମାନେ ରଜପାନ କିଣୁଛନ୍ତି।

# ସୁସ୍ୱକଳା କଳାକାରଙ୍କ ନୃତ୍ୟ

କଟକ,୧୫।୬(କାର୍ତ୍ତିକ ସାହୁ)



ସୁରମନ୍ଦିର ନୃତ୍ୟାନୁଷ୍ଠାନ ପକ୍ଷରୁ କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ରବିବାର ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାଏ, ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଓର୍‌ମାସ୍‌ର ଯୁଗ୍ମ ନିର୍ଦ୍ଦେଶକ ବିପିନ୍ ବିହାରୀ ରାଉତ, ମାଇନ୍ ମାଗ୍ନା ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସଞ୍ଜୀବ ଦାସ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍‌ର କର୍ପୋରେଟ୍ ଆଫାୟାର୍ସ ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ଏୟାରଟେଲ୍‌ର ମୁଖ୍ୟ ସିନିୟର ମ୍ୟାନେଜର କୀର୍ତ୍ତିନାଥ ତ୍ରିପାଠୀ ଯୋଗଦେଇଥିଲେ। ସୁର ମନ୍ଦିର ନୃତ୍ୟାନୁଷ୍ଠାନର କଳାକାରମାନେ ସମବେତ ନୃତ୍ୟ ପରିବେଷଣ କରିଥିଲେ। ମା'ମାନଙ୍କୁ ନେଇ ଟିକି ମୋର ଗାଁଟି ପରିବେଷିତ ହୋଇଥିଲା। ଏଥିସହ ପ୍ରତିଭା ପଣ୍ଡାଙ୍କ ଏକକ ଓଡ଼ିଶୀ ନୃତ୍ୟ ଏବଂ ଭୁବନେଶ୍ୱର ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନର କଳାକାରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ବିଶେଷକରି ହିମାଂଶୁ କୁମାର ରାୟ ଓ ଦୀପ୍ତିରଞ୍ଜନ ବରାଳଙ୍କ ଦ୍ୱୈତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଅନୁଷ୍ଠାନର ସମ୍ପାଦିକା ଗୁରୁ ଜ୍ୟୋସ୍ନା ସାହୁଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା ଓ ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।

# ରଜ ମହୋତ୍ସବରେ ପ୍ରତିଯୋଗିତା

ଖୁଣ୍ଟୁଣୀ/କଟକ ସଦର, ୧୫।୬
(ସଚ୍ଚିଦାନନ୍ଦ ପଣ୍ଡା/ ସୁଶାନ୍ତ କୁମାର ଜେନା)

କଟକ ବଙ୍ଗାଳିସାହିସ୍ଥିତ ଅନନ୍ତ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ଓ ବଉଳପଦାସ୍ଥିତ ସର୍ବେଶ୍ୱର ସଙ୍ଗୀତ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବଉଳପଦା ଗ୍ରାମ ଯାତ୍ରା ପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ନାରାୟଣ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି କବିରାଜ ଉଲ୍ଲାସ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଦୁଷ୍ମନ୍ତ ଦତ୍ତ, ସମ୍ପାଦକ ବିଷ୍ଣୁ ଚନ୍ଦ୍ର ପଣ୍ଡା, ସହ ସମ୍ପାଦକ ଦୀପକ ରାଉତ, ଉପସଭାପତି ପ୍ରଶାନ୍ତ କୁମାର ପଣ୍ଡା, କଟକିଆସାହି ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ରାଉତ, ବାଙ୍କୀରୁ ଡା. ଗୋପାଳ ଚନ୍ଦ୍ର ବାରିକ ଓ ଢେଙ୍କାନାଳରୁ ସନ୍ତୋଷ ମହାରଣା ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ ସଙ୍ଗୀତ ପରିବେଷଣ କରିଥିଲେ। ପୁରବୀ ଦେଓ ଏବଂ ଜ୍ଞାନରଞ୍ଜନ ମାର୍ଥା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜକିଶୋର ପଣ୍ଡା, ସୁରେଶ ପଣ୍ଡା, ଗୋକୁଳାନନ୍ଦ ପଣ୍ଡା, ନିରଞ୍ଜନ ପାଣି, ମହେଶ୍ୱର ପଣ୍ଡା, ସଦାଶିବ ପାଣି ଓ ସନ୍ତୋଷ ପଣ୍ଡା ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ।

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଯାତ୍ରା କଳାକାର ରବିନାରାୟଣ ମିତ୍ର ଯୋଗଦେଇଥିଲେ। ଏହି ଅବସରରେ କୁନି ପ୍ରତିଭାମାନେ ନୃତ୍ୟ ଓ ସଙ୍ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବାହ୍ନରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କିଶୋର ନଗରଠାରେ ଆୟୋଜିତ ରଜ ମହୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ନନ୍ଦନକାନନରେ ନୀଳଗାଈ ମୃତ

ବାରଙ୍ଗ,୧୫।୬(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ଗୋଟିଏ ନୀଳଗାଈର ମୃତ୍ୟୁ ଘଟିଛି। ୬୫ ନଂ. ଏନ୍‌କ୍ଲୋଜରରେ ଥିବା ଏହି ନୀଳଗାଈ କିଛିଦିନ ହେବ ଅସୁସ୍ଥ ଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କରୁଥିବାବେଳେ ଶନିବାର ତା'ର ମୃତ୍ୟୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି।

# ଅଭିବନ୍ଦିତା ରେଭେନ୍‌ଶା ବିବିଏ ଟପ୍ପର

ଚୌଦ୍ୱାର,୧୫।୬(ଆଶୁତୋଷ ଦାସ)



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇଛି। ବୃତ୍ତିଗତ ପାଠ୍ୟକ୍ରମ ବିବିଏରେ ଚୌଦ୍ୱାର ଅଞ୍ଚଳର ଅଭିବନ୍ଦିତା ପରିଜା ବିଶ୍ୱବିଦ୍ୟାଳୟସ୍ତରରେ ଟପ୍ପର ହୋଇଛନ୍ତି। ଚୌଦ୍ୱାର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ପରିଜା ଏବଂ ରତ୍ନା ପରିଜାଙ୍କ କନ୍ୟା ହେଉଛନ୍ତି ଅଭିବନ୍ଦିତା। ବିଶ୍ୱବିଦ୍ୟାଳୟ ସ୍ତରରେ ବିବିଏ ପାଠ୍ୟକ୍ରମରେ ପରୀକ୍ଷା ଦେଇଥିବା ମୋଟ୍ ୧୮୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଭିବନ୍ଦିତା ସର୍ବୋଚ୍ଚ ନମ୍ବର ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଚୌଦ୍ୱାର ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ପ୍ରେସ୍ କ୍ଲବ୍‌ର ସଦସ୍ୟ ଓ ଛାତ୍ରୀଛାତ୍ର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଯକୃତ ପ୍ରତିରୋପଣ ଅପେକ୍ଷାରେ ଆଉ ୨ ରୋଗୀ

କଟକ, ୧୫।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ କରାଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ହାଇଦ୍ରାବାଦ୍‌ସ୍ଥିତ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି(ଏଆଇଜି) ଟିମ୍‌ର ନିର୍ଦ୍ଦେଶକ ପି. ବାଲାଚନ୍ଦ୍ରନ ମେନନ ଓ ଉପସଭାପତି ସନ୍ତୋଷ କୁମାର ସାହୁ ଗୁରୁବାର ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗରେ ୪ଜଣଙ୍କ ସ୍କ୍ରିନିଂ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଯକୃତ ପ୍ରତିରୋପଣ କରାଯିବା ପାଇଁ ଚିହ୍ନଟ କରାଯାଇଛି। ସେମାନଙ୍କ ପାଇଁ ୨ ଜଣ ଯକୃତ ଦାତାଙ୍କୁ ଚୟନ କରାଯାଉଛି। ଏଆଇଜି ଟିମ୍‌ର ପରାମର୍ଶକ୍ରମେ ଗ୍ରହୀତାଙ୍କ ସହ ଦାତାଙ୍କ ଯକୃତ ଯେପରି ମ୍ୟାଚ୍ କରିବ ସେନେଇ ପରୀକ୍ଷା ନିରୀକ୍ଷା କରାଯାଉଛି। ଏନେଇ ମେଡିକାଲର ଜଣେ ଡାକ୍ତର କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ପାଇଁ ଚୟନ ହୋଇଥିବା ଦୁଇଜଣ ଗ୍ରହୀତାଙ୍କ ଚିକିତ୍ସା ଜାରି ରହିଛି। ଦାତା ଚୟନ ପରେ ପ୍ରାୟ ଏକରୁ ଦେଢ଼ ମାସ ମଧ୍ୟରେ ପ୍ରତିରୋପଣ କରାଯିବ। ଅନ୍ୟ ହସ୍ପିଟାଲରେ ଏହି ପ୍ରତିରୋପଣ କଲେ ପ୍ରାୟ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ଏସ୍‌ସିବି ମେଡିକାଲରେ ମାଗଣାରେ ଏହି ଅସ୍ତ୍ରୋପଚାର କରାଯାଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବିରେ ଗତ ଏପ୍ରିଲରେ ପ୍ରଥମଥର ପାଇଁ କଟକ ଜିଲା ତିଗିରିଆ ଅଞ୍ଚଳର ମାନସ ବାରିକଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥିଲା।

ଯକୃତ ପ୍ରତିରୋପଣ ପାଇଁ ମେଡିକାଲ ସେଣ୍ଟ୍ରାଲ ଆଇସିୟୁର ଚତୁର୍ଥ ମହଲାରେ ମଡ୍ୟୁଲାର ଓଟି ରହିଛି। ୨୦୧୨ରେ ଏହି ଓଟି ତିଆରି କରାଯାଇଥିଲା। ହେଲେ କିଛି ଅସୁବିଧା ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇ ନ ଥିଲା। ଗତ ନଭେମ୍ବରରେ ଏହି ଓଟିର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିର୍ଲୋସ୍କାର ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍(କେଟିପିଏଲ) ଏହି ନବୀକରଣ କାର୍ଯ୍ୟ କରିଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାରେ ଉନ୍ନତୀକରଣ, ମେଡିକାଲ ଭିତ୍ତିଭୂମିର ବିକାଶ ସହ ଅତ୍ୟାଧୁନିକ ଯନ୍ତ୍ରପାତି ଉପଲବ୍ଧ କରାଇଛନ୍ତି। ସେଥିମଧ୍ୟରେ ଏହି ମଡ୍ୟୁଲାର ଓଟି ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଏହି ମଡ୍ୟୁଲାର ଓଟି ରୂପାନ୍ତରଣ ହୋଇଛି। ଏଥିରେ ତିନୋଟି ଓଟି ଟେବୁଲ ରହିଛି ଯାହାକି ଅଟୋମେଟିକ୍ ପରିଚାଳିତ ହୋଇଥାଏ। ଏହାସହ ଓଟିରେ ଦୁଇଟି କୁସା(କାଭିଟ୍ରନ ଅଲଟ୍ରାସୋନିକ ସର୍ଜିକାଲ ଆସ୍‌ପିରେଟର) ମେଶିନ ରହିଛି। ଯାହାର ମୂଲ୍ୟ ଗୋଟିଏ ପିଛା କୋଟିଏ ଟଙ୍କାରୁ ଅଧିକ। ଏହି ମେଶିନ ଜଟିଳ ଟ୍ୟୁମର ଅସ୍ତ୍ରୋପଚାର ସହ ଯକୃତ ପ୍ରତିରୋପଣରେ ପ୍ରମୁଖ ଭୂମିକା ବହନ କରୁଛି। ଏଭଳି ମେଶିନ ବିଶ୍ୱର ଖୁବ୍ କମ୍ ହସ୍ପିଟାଲରେ ଉପଲବ୍ଧ। ଏହି ମଡ୍ୟୁଲାର ଓଟିରେ ଆନାସ୍ଥେସିଆ ମେଶିନ, ଭେଣ୍ଟିଲେଟର, ବ୍ଲଡ୍ ଗ୍ୟାସ୍ ଆନାଲାଇଜର, ପେସେଣ୍ଟ ମନିଟର, କାର୍ଡିଓଲୋଜି ଅଲଟ୍ରାସାଉଣ୍ଡ, ଇକୋ ମେଶିନ ରହିଛି। ଏଥିସହ ଉକ୍ତ ଓଟିରେ କାଭେଜିଂ ବ୍ୟବସ୍ଥା ରହିଛି, ଯାହାକି ଓଟି ପରିବେଶରେ ସଂକ୍ରମଣ ହ୍ରାସ କରିଥାଏ। ଓଟି ପରିସରକୁ ସଂକ୍ରମଣ ମୁକ୍ତ ରଖିବା ନେଇ ସମସ୍ତ ବ୍ୟବସ୍ଥା ସେନ୍‌ସର୍ ଦ୍ୱାରା ପରିଚାଳିତ କରାଯାଉଛି। ଓଟି ଫାଟକ ଖୋଲିବାଠାରୁ ଆରମ୍ଭ କରି ପାଣି ବ୍ୟବସ୍ଥା ସେନ୍‌ସର୍ ଦ୍ୱାରା ପରିଚାଳିତ ହୋଇଥାଏ। ଏପରି କି ତାପମାତ୍ରା, ଆର୍ଦ୍ରତା ନିୟନ୍ତ୍ରଣ କରିବା ଭଳି ବ୍ୟବସ୍ଥା ଉପଲବ୍ଧ ରହିଛି।

## ଏସ୍‌ସିବି ମେଡିକାଲ



ଏସ୍‌ସିବି ମେଡ଼ିକାଲରେ ଥିବା ମଡ୍ୟୁଲାର ଓଟି।

## ସଂକ୍ଷେପରେ

### ମା' ବାଳିହରଚଣ୍ଡୀଙ୍କୁ ଚୁଡ଼ାଘଷା ଭୋଗ

**ବ୍ରହ୍ମଗିରି,୧୫।୬(ସ୍ୱାଧୀନ ଚମ୍ପତିରାୟ):** ବ୍ରହ୍ମଗିରିର ପ୍ରସିଦ୍ଧ ବାଳିହରଚଣ୍ଡୀ ପୀଠରେ ଅନୁଷ୍ଠିତ ରଜ ଉତ୍ସବ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ରଜ ସଂକ୍ରାନ୍ତିରେ ମା'ଙ୍କ ନିକଟରେ ଚୁଡ଼ାଘଷା ଭୋଗ ଲାଗି ହୋଇଥିଲା। ଓଡ଼ିଶାରେ ଥିବା ଶକ୍ତି ପୀଠଗୁଡ଼ିକ ମଧ୍ୟରୁ ଏହିପୀଠ ଅନ୍ୟତମ। ଏଠାକାର ରୀତିନୀତି ସମ୍ପୂର୍ଣ୍ଣ ନିଆରା। ଏହି ପୀଠରେ ବର୍ଷର ପ୍ରତ୍ୟେକ ଦିନ ଆମିଷ ଭୋଗ ହୋଇଥାଏ। ଯେଉଁଆଡୁ ଯେତେ ଭକ୍ତ ଆସିଥାନ୍ତି ମା'ଙ୍କ ନିକଟରେ ଆମିଷ ଭୋଗ କରିଥାନ୍ତି। କିନ୍ତୁ ରଜ ସଂକ୍ରାନ୍ତି ଓଡ଼ିଶାର କୃଷକମାନଙ୍କ ଏକ ମହାନ ପର୍ବ। ଚଷାପୁଅମାନେ କ୍ଷେତରେ ଭଲ ଫସଲ ହେବାକୁ ମା'ଙ୍କ ନିକଟରେ ମାନସିକ କରିଥାନ୍ତି। ଏହି ରଜ ସଂକ୍ରାନ୍ତିରେ ଚାଷକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମା'ଙ୍କ ନିକଟରେ ଚୁଡ଼ାଘଷା ଭୋଗ ଲଗାଇ ନିଜର ମାନସିକ କରିଥିବା ଦେଖିବାକୁ ମିଳେ। ଏହି ପରମ୍ପରା ପୁରୁଷ ପୁରୁଷ ଧରି ଲାଗିରହିଛି। ପ୍ରତ୍ୟେକ ପରିବାରରୁ ଜଣେ ଜଣେ ସଦସ୍ୟ ମା'ଙ୍କ ନିକଟକୁ ଚୁଡ଼ାଘଷା ଭୋଗ ପାଇଁ ଆଣିଥାନ୍ତି। ଏହି ଦିନ ପୀଠରେ ଚୁଡ଼ାଘଷାର ମହକ ସ୍ୱତନ୍ତ୍ର ଥାଏ। ଶନିବାର ରଜ ସଂକ୍ରାନ୍ତିରେ ଚୁଡ଼ାଘଷା ମାନସିକଧାରୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଗିରଫ

**ବଳଙ୍ଗା,୧୫।୬(କେଦାରେଶ୍ୱର ନନ୍ଦ):** ବଳଙ୍ଗା ଥାନା ଅଞ୍ଚଳର ଜନୈକା ମାନସିକ ଅନଗ୍ରସର ଯୁବତୀୟଙ୍କୁ ବାରମ୍ବାର ବଳାତ୍କାର ସହ ଗର୍ଭନଷ୍ଟ କରିବା ଉଦ୍ୟମ ଅଭିଯୋଗରେ ଶୁକ୍ରବାର ରାତିରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବଳଙ୍ଗା ଗ୍ରାମର ଛବି ବେହେରା। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଥିବାବେଳେ ରବିବାର ଛବିଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଛବି ଦୈନିକ ଭାର୍ଗବୀ ନଦୀକୁ ମାଛ ଧରିବାକୁ ଯାଉଥିଲେ। ସେଠାରେ ପୀଡ଼ିତା ଯୁବତୀଙ୍କୁ ଏକୁଟିଆ ଦେଖି ବାରମ୍ବାର ବଳାତ୍କାର କରି ଆସୁଥିଲେ। ଫଳରେ ପୀଡ଼ିତା ଜଣକ ଗର୍ଭବତୀ ହେବାରୁ ଅଭିଯୁକ୍ତ ଛବି ଗର୍ଭ ନଷ୍ଟ କରିବାକୁ ଔଷଧ ଖାଇବାକୁ ଦେଇଥିଲେ। ଫଳରେ ପୀଡ଼ିତାଙ୍କ ଶରୀର ଅସୁସ୍ଥ ହେବାରୁ ଭୟରେ ସମସ୍ତ ଘଟଣା ତାଙ୍କ ମା'ଙ୍କୁ ଜଣାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# କୋଣାର୍କ ଥାନା ସମ୍ମୁଖରେ ଚାଷୀଙ୍କ ଧାରଣା

■ ଜମିରେ କେମିକାଲ ପାଣି ମାଡ଼ି ଫସଲ କ୍ଷୟକ୍ଷତି ଘଟଣା
■ ଅଭିଯୋଗ ସତ୍ତ୍ୱେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ

**କୋଣାର୍କ,୧୫।୬(ଜ୍ୟୋତିରାଜ ମହାନ୍ତି)**



କୋଣାର୍କ ଥାନା ଅଧୀନ ମହଲପଡ଼ା ପଞ୍ଚାୟତ ଚିତ୍ରା ଗ୍ରାମର ୫୦ରୁ ଉର୍ଦ୍ଧ୍ୱ କୃଷକଙ୍କ ଜମିରେ ପ୍ରାକୃତିକ ଗ୍ୟାସ ସନ୍ଧାନରେ ଖନନ କାର୍ଯ୍ୟ କରୁଥିବା ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ନିଯୁକ୍ତ ଏକ ଠିକାସଂସ୍ଥା କେମିକାଲ ଯୁକ୍ତ ପାଣି ଛାଡ଼ିବା ଯୋଗୁ ବ୍ୟାପକ ଧାନଫସଲ କ୍ଷୟକ୍ଷତି ହୋଇଛି। ଏହି ଘଟଣାରେ କମ୍ପାନୀ ବିରୋଧରେ କୃଷକମାନେ ଗତ ଏପ୍ରିଲ ୧୫ରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୋଣାର୍କ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହାକୁ ବିରୋଧ କରି ଚାଷୀ ଶନିବାର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ଖବରରୁ ପ୍ରକାଶ, ପ୍ରାକୃତିକ ଗ୍ୟାସ ସନ୍ଧାନରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। କମ୍ପାନୀ ଦ୍ୱାରା ଅଧିକୃତ ଜମିରେ ଠିକାସଂସ୍ଥା ଖନନ ସମୟରେ ବାହାରୁଥିବା ପ୍ରଦୂଷିତ କେମିକାଲଯୁକ୍ତ ପାଣିକୁ ଜମିରେ ଛାଡ଼ିବା ଦ୍ୱାରା ୫୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ବ୍ୟାପକ ଧାନଫସଲ କ୍ଷୟକ୍ଷତି ହୋଇଥିଲା। ଏହି ଘଟଣାକୁ ନେଇ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ କୃଷକଙ୍କ ପକ୍ଷରୁ ଗତ ଅକ୍ଟୋବରରେ ଚିତ୍ରା ଗ୍ରାମ ଦାୟିତ୍ୱରେ ଥିବା ଅଏଲ୍ ଇଣ୍ଡିଆ କମ୍ପାନୀର ଅଧିକାରୀ ବି.ପି ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ ହେବା ଦ୍ୱାରା ଗତ ନଭେମ୍ବର ୧୩ରେ ପୁରୀ ଜିଲାପାଳ, ଗୋପ ତହସିଲଦାର, ଅଏଲ୍ ଇଣ୍ଡିଆ କମ୍ପାନୀ କାର୍ଯ୍ୟନିର୍ବାହୀ ଅଧିକାରୀ, ମୁଖ୍ୟ ପରିଚାଳକ ଓ ମହଲପଡ଼ା ସରପଞ୍ଚ ପ୍ରମୁଖଙ୍କୁ କେମିକାଲ ପାଣିରେ ଧାନଫସଲ କ୍ଷତିଗ୍ରସ୍ତ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ପ୍ରଦାନର ଦୀର୍ଘ ୪ ମାସ ମଧ୍ୟରେ କୌଣସି ସୁଫଳ ନ ମିଳିବାରୁ ଗତ ଏପ୍ରିଲ ୧୫ରେ ଅଏଲ ଇଣ୍ଡିଆ କମ୍ପାନୀ ଓ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ନାମରେ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ୨ ମାସ ବିତିଯାଇଥିଲେ ମଧ୍ୟ କୋଣାର୍କ ପୋଲିସ କୃଷକଙ୍କ ପ୍ରତି ପକ୍ଷପାତିତା ନୀତି ଅବଲମ୍ବନ କରି ଉକ୍ତ ଠିକାସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା କୃଷକମାନେ ଅଭିଯୋଗ କରିଛନ୍ତି। କୋଣାର୍କ ପୋଲିସର ପକ୍ଷପାତିତା ନୀତି ଓ ଅଏଲ ଇଣ୍ଡିଆର ବେଫିକର ମନୋଭାବ ପ୍ରତିବାଦରେ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଚାଷୀ କୃଷକ ନେତା ମନୋରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ କୋଣାର୍କ ଥାନା ସମ୍ମୁଖରେ ଶନିବାର ଧାରଣାରେ ବସିଛନ୍ତି। କୋଣାର୍କ ପୋଲିସ ଅଏଲ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କେମିକାଲ ପାଣିରେ କ୍ଷତିଗ୍ରସ୍ତ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଏହି ଧାରଣା ଅବ୍ୟାହତ ରହିବ ବୋଲି କୃଷକ ନେତା ପରିଡ଼ା ପ୍ରକାଶ କରିଛନ୍ତି। ଏହି ଧାରଣାରେ ରତ୍ନାକର ସାହୁ, ନବଘନ ସାହୁ, ନିରଞ୍ଜନ ସାହୁ, ସାବିତ୍ରୀ ସାହୁ, ବିଜୟ ସାହୁ, ସଞ୍ଜୟ ନାୟକ ଓ ରମେଶ ଚନ୍ଦ୍ର ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ କୃଷକ ଯୋଗଦେଇଥିଲେ।

# ରେଡିଓ ନମସ୍କାର ପକ୍ଷରୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

**କୋଣାର୍କ,୧୫।୬(ଜ୍ୟୋତିରାଜ ମହାନ୍ତି)**

କୋଣାର୍କମା' ଭଗବତୀ ପୀଠରେ ଆୟୋଜିତ ରଜପର୍ବର ଦ୍ୱିତୀୟ ଦିନରେ ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଘରୋଇ ହିଂସା, ସମ୍ପର୍କିତ ସରକାରୀ ବିଧି ବ୍ୟବସ୍ଥା କ'ଣ ରହିଛି ସେ ସମ୍ପର୍କରେ ଜନସଚେତନତା ସୃଷ୍ଟିନିମନ୍ତେ, ଜିଲା ଶିଶୁ ସୁରକ୍ଷା ଶାଖା ପୁରୀ ଏବଂ ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅତିଥି ଭାବେ ପୁରୀ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ୍ ମହାପାତ୍ର, କବୟିତ୍ରୀ ସୁଜାତା ସିହ୍ନା, ରେଡିଓ ନମସ୍କାର ସଂଯୋଜିକା ଏସ୍ କାଜଲ, ପୁରୀ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସୁରକ୍ଷା ଅଧିକାରୀ କମଳା ମହାରଣା, ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ମହିଳା ଓ ଶିଶୁଙ୍କ ସୁରକ୍ଷା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ନିକଟସ୍ଥ ଅଞ୍ଚଳର ବିଭିନ୍ନ ଗାଁର ୫୦୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଘରୋଇ ହିଂସା, ଶିଶୁ ସୁରକ୍ଷା ଉପରେ ୨ଟି ରେଡିଓ କାର୍ଯ୍ୟକ୍ରମ ଉପସ୍ଥିତ ଜନସାଧାରଣଙ୍କୁ ଶୁଣାଇ ଦିଆଯାଇଥିଲା। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଠିକ୍ ଉତ୍ତରଦାତାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ ରାଉତ ମଞ୍ଚ ପରିଚାଳନ କରିଥିଲେ। ରେଡିଓ ନମସ୍କାର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ ପ୍ରଧାନ, ରେଡିଓ ନମସ୍କାର ସଂଯୋଜକ ଅନୁପ ସାହୁ, ପୁରୀ ଜିଲା ଶିଶୁ ସୁରକ୍ଷା ଶାଖା କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହଟିଲା ନଦୀ ଓ ସମୁଦ୍ରରୁ ମାଛଧରା କଟକଣା



କଟକଣା ହଟିବା ପରେ ଅସ୍ତରଙ୍ଗ ଅଞ୍ଚଳ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି।

**ଅସ୍ତରଙ୍ଗ,୧୫।୬(ପ୍ରଦୀପ୍ତ ଦୀକ୍ଷିତ)**

ମତ୍ସ୍ୟ ସଂରକ୍ଷଣକୁ ଆଖି ଆଗରେ ରଖି କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୧୫ରୁ ଜୁନ୍ ୧୪ ପର୍ଯ୍ୟନ୍ତ ୬୧ ଦିନ ସମୁଦ୍ରରେ ମାଛ ଧରା ବନ୍ଦ ରହିଥିବାବେଳେ ଶନିବାର ଏହି କଟକଣା ହଟିଛି। ଏହି ୨ମାସ ଧରି ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ନେଇ କଟକଣା ଲାଗୁ ହୋଇଥିଲା। ତେବେ ସାଢ଼େ ୮ ମିଟର ଡଙ୍ଗାରେ କେବଳ ମାଛ ଧରାଯାଇପାରିବ ବୋଲି କୁହାଯାଇଥିଲା। ଏହି ସମୟରେ ମାଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହେଉଥିବାରୁ ସବୁ ବର୍ଷ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ମତ୍ସ୍ୟଜୀବୀଙ୍କ ସମୁଦ୍ର ପ୍ରବେଶ ଉପରେ କଟକଣା ଲାଗୁ ହୋଇଥାଏ।

# ଲିଟିଲ୍‌ଷ୍ଟାର ଗ୍ରୁପ୍‌ର ୨୨ତମ ପ୍ରତିଷ୍ଠା ଦିବସ

**ନିମାପଡ଼ା,୧୫।୬(ବିଚିତ୍ରାନନ୍ଦ ସାହୁ)**




ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍‌ଷ୍ଟାର ଗ୍ରୁପର ୨୨ତମ ପ୍ରତିଷ୍ଠା ଦିବସ, ରଜ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ପାଟପୁରସ୍ଥିତ ପ୍ରଭୁ ଲୋକନାଥଙ୍କ ପୀଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶାର ଖ୍ୟାତନାମା ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ ଦାଶ, ବିଶିଷ୍ଟ ଶିକ୍ଷାବିତ୍ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ, ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢୀ, ଶିଶୁ ପତ୍ରିକା ବାନରସେନା ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ଖବରଦାତା ସ୍ୱାତୀ ଜେନା, ବିକାଶ ବାରିକ୍ ପ୍ରମୁଖ ଯୋଗଦେଇ ଏହି ସମାରୋହର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାରୋହରେ ଲିଟିଲଷ୍ଟାର ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ୩ଜଣ କୃତୀ ପ୍ରତିଭା ଓଡ଼ିଶାର ସୁନାମଧନ୍ୟ ଡ. ପ୍ରଭାତ କୁମାର ଦାଶଙ୍କୁ ଲୋକନାଥ ମିଶ୍ର ସ୍ମୃତି ସମ୍ମାନ, ଖବରଦାତା ଜେନାଙ୍କୁ ବିଦ୍ୟୁଲତା ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୨୦ ଜଣ ଶିଶୁ ଚିତ୍ରଶିଳ୍ପୀଙ୍କୁ ମାନପତ୍ର, ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ଅତିଥିମାନେ ଭୂରିୟସୀ ପ୍ରଶଂସା କରିଥିଲେ। ଶିକ୍ଷକ ନିର୍ମଳ ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, ବୈଷ୍ଣବ ଦାସ, ଅଜୟ ମିଶ୍ର ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା, ପରିଚାଳନା କରିଥିଲେ। ଏହି ଉତ୍ସବରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ନାବାଳିକାଙ୍କୁ ଅପହରଣ ନେଇ ମାମଲା

**ନିମାପଡ଼ା,୧୫।୬(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଅଞ୍ଚଳର ଜଣେ ୧୬ ବର୍ଷୀୟାଙ୍କୁ କଣାସ ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ଶନିବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମନ୍ଟୁନ ଦାସଙ୍କ ବିରୋଧରେ ୩୬୩ ଦଫା କେସ୍ ନଂ. ୧୯୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରାଯିବାକୁ ତାଙ୍କ ବାପା ପୋଲିସ ନିକଟରେ ନିବେଦନ କରିଛନ୍ତି। ଗତ ୧୧ ତାରିଖରେ ନାବାଳିକା ତାଙ୍କ ଗାଁ ଛକ ବଜାରକୁ ଆସିଥିବାବେଳେ ମନ୍ଟୁନ ତାଙ୍କୁ ବାଇକ୍‌ରେ ବସାଇ କେଉଁଆଡେ ଅପହରଣ କରିଥିବା ତାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି।

# ସାହିତ୍ୟ ସଂସଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଓ ପୁସ୍ତକ ପ୍ରଦାନ



**କଣାସ,୧୫।୬(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ୍ ଅଧୀନ ଗଡ଼ିଶାଗୋଦା ଗ୍ରାମର ପଲ୍ଲୀ ପଲ୍ଲବ ସାହିତ୍ୟ ସଂସଦ ପକ୍ଷରୁ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥି ଭବନରେ କର୍ମକର୍ତ୍ତାମାନେ ଶନିବାର ସାକ୍ଷାତ୍ କରିଥିଲେ। ସଂସଦ ସମ୍ପାଦକ କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟମନ୍ତ୍ରୀଙ୍କୁ ଉତ୍ତରୀୟ, ଫୁଲତୋଡ଼ା ସହ ସ୍ୱଲିଖିତ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା, ଅମୃତ ଉତ୍ତରଣ, ଶିକ୍ଷାସୌରଭ, ସମ୍ପର୍କର ମଧୁପର୍କ, ବେନୁପଡ଼ା ଠାକୁରଙ୍କ କଥା, ସାଧନା ଓ ସିଦ୍ଧି, ଶ୍ରୀଗୁରୁତତ୍ତ୍ୱାମୃତ ପ୍ରଭୃତି ୧୫ ଖଣ୍ଡ ପୁସ୍ତକ ଉପହାର ଦେଇଥିଲେ। ମୁଖ୍ୟମନ୍ତ୍ରୀ ବେନୁପଡ଼ା ଓ କରମଳା ମଠ ସମ୍ପର୍କରେ ପଚାରିଥିଲେ। ଏ ସାକ୍ଷାତ୍ ସମୟରେ ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ ଉପସ୍ଥିତ ଥିଲେ। ସଂସଦ ପକ୍ଷରୁ ହେମନ୍ତ ପ୍ରଧାମ, ସଂଗ୍ରାମ ପ୍ରତାପସିଂ, ମନୋଜ ସାହୁ ସଂଯୁକ୍ତ ଶ୍ରୀଚନ୍ଦନ ପ୍ରମୁଖ ସାକ୍ଷାତ୍ କରିଥିଲେ।

# ଶ୍ରୀଶଙ୍କରାନନ୍ଦ ମଠକୁ ଶ୍ରୀଲୋକନାଥଙ୍କ ଗୁଆଲି ଯାତ୍ରା

**ପୁରୀ,୧୫।୬(ଅଜିତ୍ କୁମାର ମହାନ୍ତି)**





ଶ୍ରୀକ୍ଷେତ୍ରରେ ଶିବ ବିବାହ ପରମ୍ପରା ସ୍ୱତନ୍ତ୍ର। ଶିବଙ୍କର ବିବାହ ପରେ ପଞ୍ଚପାଣ୍ଡବ ଭାବରେ ପରିଚିତ ଶ୍ରୀଜମେଶ୍ୱର, ଶ୍ରୀ ଲୋକନାଥ, ଶ୍ରୀ ମାର୍କଣ୍ଡେଶ୍ୱର, ଶ୍ରୀ କପାଳମୋଚନ ଓ ଶ୍ରୀ ନୀଳକଣ୍ଠ ଶ୍ରୀମନ୍ଦିରକୁ ଶୀତଳଷଷ୍ଠୀ ଦିନ ନିଶାର୍ଦ୍ଧରେ ବିଜେ କରିଥିଲେ। ପରଦିନ ଭୋର ସମୟରେ ମହାପ୍ରଭୁଙ୍କ ପୂଜାପଣ୍ଡା ପଞ୍ଚୁଗ୍ରାସୀ ଭୋଗ କରନ୍ତି। ସେଠାରେ ଶ୍ରୀମନ୍ଦିର ଦକ୍ଷିଣଘରୁ ଯାଇ ବିଜେ କରନ୍ତି ଶ୍ରୀମଦନମୋହନ ଓ ଶ୍ରୀ ରାମକୃଷ୍ଣ। ସେହି ସମୟରେ ଭିତରଛ ମହାପାତ୍ର ବନ୍ଦାପନା କରନ୍ତି। ଚଳିତବର୍ଷ ଲକ୍ଷ୍ମୀଙ୍କ ଜଗମୋହନରେ ବିଜେ କରିବା ପରେ ସନ୍ଧ୍ୟାରେ ପଞ୍ଚ ମହାଦେବ ସେଠାରୁ ନଗର ପରିକ୍ରମାରେ ବାହାରିଥିଲେ। ଶ୍ରୀଜମେଶ୍ୱର ପୂର୍ବେ ବିଜୟରଥରେ ବିଜେ କରୁଥିଲେ। ଏବେ ସ୍ୱତନ୍ତ୍ର ବିମାନରେ ପାର୍ବତୀଙ୍କ ସହିତ ବିଜେ କରୁଛନ୍ତି। ଅନ୍ୟ ଚାରିଜଣ ମହାଦେବ ପାର୍ବତୀଙ୍କ ସହିତ ବୃଷଭରେ ବିଜେ କରନ୍ତି। ଶ୍ରୀମନ୍ଦିରରୁ ପଞ୍ଚ ମହାଦେବ ବାହାରି ପ୍ରଥମେ ମରିଚେଇ ଠାକୁରାଣୀଙ୍କ ମନ୍ଦିରଠାରେ ପହଞ୍ଚିବା ପରେ ପନ୍ତି ହୁଏ। ସେଠାରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରନ୍ତି। ନୀତି ସରିବା ପରେ ସେଠାରେ ଜାଡୁଆଣୀ ଠାକୁରାଣୀଙ୍କ ପାଖକୁ ଯାନ୍ତି। ଅଙ୍ଗିରା ଆଶ୍ରମ , ଶ୍ରୀନଅର , ରଥଖଳା ,ପନ୍ତି ସରିବା ପରେ ଶ୍ରୀଜମେଶ୍ୱରଙ୍କ ମନ୍ଦିରରେ ପହଞ୍ଚିଥିଲେ। ଏହି ଅବସରରେ କୁମୁଟି ସାହି , ଦୋଳମଣ୍ଡଳ ସାହି , ବାଲିସାହି , ମାର୍କଣ୍ଡେଶ୍ୱର ସାହି , ଭଗବତୀ ଆଖଡା , ଗୋଛିକାର ସାହି , ବିମାନବଡୁ ସାହି , ଭଙ୍ଗଜାଗା , ଓଡ଼ିଆମଠ , ବଜନ୍ତୀ ଗଳି , ମଣି କର୍ଣ୍ଣିକା ସାହି , ଗୁଡିଆ ସାହି ଓ ହରଚଣ୍ଡୀ ସାହି ପରିକ୍ରମା କରିଥାନ୍ତି। ଶ୍ରୀଭଗବତୀ କୋଟ ନୀତି ସରିବା ପରେ ସମସ୍ତଙ୍କ ଶୋଭାଯାତ୍ରା ଅଲଗା ଅଲଗା ରାସ୍ତା ଦେଇ ଗତି କରେ। ଶ୍ରୀଲୋକନାଥଙ୍କ ବୃଷଭ ଜମେଶ୍ୱରଙ୍କ ମନ୍ଦିର ଠାରୁ ଶ୍ରୀଶଙ୍କରାନନ୍ଦ ମଠକୁ ବିଜେ କରିଥିଲେ। ଶ୍ରୀବଳଭଦ୍ରଙ୍କ ରଥର ବିଜେ କାହାଳୀ ଲୋକନାଥଙ୍କ ଶୋଭାଯାତ୍ରା ସହିତ ରହିଥାଏ। ଶ୍ରୀ ଶଙ୍କରାନନ୍ଦ ମଠରେ ପହଞ୍ଚିବା ପରେ ଟ୍ରଷ୍ଟବୋର୍ଡ ସଭାପତି ଡ଼ା ଦୁର୍ଗା ପ୍ରସାଦ ମିଶ୍ର , ଓ ଅନ୍ୟ ସଭ୍ୟମାନେ ତିଆଡି ସାହି ବାସିନ୍ଦାଙ୍କ ସହ ସ୍ୱାଗତ୍ କରିଥିଲେ। ମଠରେ ଶ୍ରୀଲୋକନାଥ ଓ ମା'ଙ୍କର ମାଜଣା, ବେଶ ହେବାପରେ ସ୍ୱତନ୍ତ୍ର ଭୋଗ ହୋଇଥିଲା। ତାଙ୍କ ସହିତ ଆସିଥିବା ବିମାନ କାନ୍ଧିଆ ଓ ଅନ୍ୟାନ୍ୟ ୪୦ ଜଣଙ୍କୁ ମଠ ପକ୍ଷରୁ ମହାପ୍ରସାଦରେ ଆପ୍ୟାୟିତ କରାଯାଇଥିଲା। ଅପରାହ୍ନରେ ଲୁହାଗଡ଼ ଯାଗରେ ପନ୍ତିଭୋଗ ହେବା ପରେ ଲୋକନାଥ ମନ୍ଦିରକୁ ବିଜେ କରିଥିଲେ ବୋଲି ଐତିହ୍ୟ ବିଶାରଦ ଡ଼ ସୁରେନ୍ଦ୍ର କୁମାର ମିଶ୍ର ପ୍ରକାଶ କରିଛନ୍ତି। ଶ୍ରୀଲୋକନାଥଙ୍କ ଗାଦି ଭାବରେ ପ୍ରାଚୀନ କାଳରୁ ପରିଚିତ ଥିବା ଶ୍ରୀ ଶଙ୍କରାନନ୍ଦ ମଠ ଏହି ଗୁଆଲିଯାତ୍ରା ସମୟରେ ଚଳଚଞ୍ଚଳ ହୋଇଉଠେ। ପ୍ରକାଶ ଥାଉକି ଏହି ମଠରେ ଶ୍ରୀଲୋକନାଥଙ୍କର ଯେଉଁ ସ୍ୱତନ୍ତ୍ର ନୀତି ହୁଏ ତାହା ଅନ୍ୟ କେଉଁ ମଠରେ ହୁଏ ନାହିଁ। ଟ୍ରଷ୍ଟବୋର୍ଡ ସଭାପତି, ସଦସ୍ୟ ଅଶୋକ କୁମାର ମିଶ୍ର, ଡ. ସୁରେନ୍ଦ୍ର କୁମାର ମିଶ୍ର, ସଦାଶିବ ସାହୁ, ନାରାୟଣ ପଟ୍ଟନାୟକ, ମିହିର କୁମାର ମିଶ୍ର, ଆଦିତ୍ୟ ମିଶ୍ର ଏବଂ ଯାମିନୀକାନ୍ତ ମିଶ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ ଶ୍ରୀଲୋକନାଥଙ୍କ ସହ ପାର୍ବତୀ ଏହି ମଠରେ ରହୁଥିଲେ। ବର୍ତ୍ତମାନ ବଡ ଆଖଡା ମଠରେ ରହୁଛନ୍ତି। କନ୍ୟାଚୋରୀ ଦିନ ଶ୍ରୀଲୋକନାଥ ଓ ପାର୍ବତୀ ମଧ୍ୟ ଶ୍ରୀ ଶଙ୍କରାନନ୍ଦ ମଠକୁ ପ୍ରତିବର୍ଷ ଆସିଥାନ୍ତି ବୋଲି ମିଶ୍ର ସୂଚନା ଦେଇ କହିଛନ୍ତି।

# ସାକ୍ଷୀଗୋପାଳରେ ରେଳଫାଟକ ଭାଙ୍ଗିଲା

**ସାକ୍ଷୀଗୋପାଳ,୧୫।୬(ଭରତ ରାଉତ)**

ସାକ୍ଷୀଗୋପାଳସ୍ଥିତ ରେଳଫାଟକରେ ଶନିବାର ସକାଳ ୯ଟା ୩୫ ମିନିଟ୍ ସମୟରେ ଦୁର୍ଗ- ପୁରୀ ଟ୍ରେନ ଆସିବାକୁ ରେଳ ଫାଟକ ପଡୁଥିବାବେଳେ କୌଣସି କାରଣରୁ ଗୋଟିଏ ପଟ ରେଳ ଫାଟକ ଭାଙ୍ଗି ଯାଇଥିଲା। ରେଳଫାଟକଟି ପଡ଼ି ନ ପାରି ଗୋଟିଏ ପଟେ ରେଳଫାଟକ ଅଧା ପଡିବା ପରେ ଅନ୍ୟପଟଟି ରାସ୍ତା ଉପରେ ଝୁଲିକି ରହିଥିଲା। ସେହିପରି ରେଳଫାଟକ ଠିକ୍ କାର୍ଯ୍ୟକାରୀ ନ ହେବାରୁ ଟ୍ରେନ ଆସିବାକୁ ସିଗ୍ନାଲ ମଧ୍ୟ ହୋଇପାରି ନ ଥିଲା। ଫଳରେ ଟ୍ରେନ୍‌ଟି ଆଉଟ୍ ଡୋରଠାରେ ପଡ଼ି ରହିଥିଲା। ଖବର ପାଇ ଟ୍ରେନ ମାଷ୍ଟର ତୁରନ୍ତ ଗେଟ୍ ମରାମତି କରିବାକୁ ମେକାନିକଙ୍କୁ ଡକାଇବା ସହ ରେଳ ସୁରକ୍ଷା ବାହିନୀ (ଆର୍‌ପିଏଫ୍) ଯବାନ ସେଠାରେ ରହି ରେଳ ଫାଟକ ଉପରୁ ଲୋକଙ୍କୁ ଖାଲି କରିଥିଲେ। ପରେ ଠିଆ ହୋଇ ରହିଥିବା ଦୁର୍ଗ- ପୁରୀ ଟ୍ରେନ୍ ପୁରୀ ଅଭିମୁଖେ ଯାଇଥିଲା। ରେଳ ଫାଟକ ଭାଙ୍ଗିବା ପରେ ରେଳ ଫାଟକ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ମଟର ଫସି ରହିଥିଲା। ଯାହାକୁ ନେଇ ବହୁ ଲୋକ ଏବଂ ରେଳ କର୍ମଚାରୀଙ୍କ ମଧ୍ୟରେ ଉଦବାଟ ହୋଇଥିଲା। ସୂଚନାଯୋଗ୍ୟ, ଏହି ରେଳ ଫାଟକ ପାଇଁ ପ୍ରଧାନମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ ୨୫ ଫେବୃଆରୀ ମାସରେ କରିସାରିଛନ୍ତି। ମାତ୍ର ରେଳ ଫାଟକ ଏଠାରେ ହେବକି ନାହିଁ ସନ୍ଦେହ ଘେରରେ ରହିଛି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବଳଙ୍ଗା,୧୫।୬(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅଧୀନ ଡାଙ୍ଗୁରା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଳକୃଷ୍ଣ ନାୟକ (୨୨)। ଏନେଇ ବଳଙ୍ଗା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶନିବାର ବାଳକୃଷ୍ଣଙ୍କ ବାପା ପ୍ରତୀକ୍ଷିତ ନାୟକଙ୍କ ଅଭିଯୋଗ ଅନୁସାରେ ତାଙ୍କ ପୁଅ ଘରେ ଫ୍ୟାନ ମରାମତି କରୁଥିଲେ। ଏହି ସମୟରେ ହଠାତ୍ ଶର୍ଟସର୍କିଟ ହେବାରୁ ବିଦ୍ୟୁତ୍ ଆଘାତରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ପରିବାର ଲୋକେ ସଙ୍ଗେସଙ୍ଗେ ସାକ୍ଷୀଗୋପାଳ ଡାକ୍ତରଖାନା ନେଇଥିବାବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

# ଗାଁରେ ସମସ୍ୟାର ସମାଧାନ ହେବ: ଏମ୍‌ପି ସମ୍ବିତ୍ ପାତ୍ର

**ଡେଲାଙ୍ଗ,୧୫।୬(ରଶ୍ମିରଞ୍ଜନ ପ୍ରଧାନ)**




ଡେଲାଙ୍ଗ ବ୍ଲକ ମୁନିନ୍ଦାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ରଜ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫେସର ଶଶାଙ୍କ ଚୂଡ଼ାମଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ରଜ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କରିଥିଲେ। ଗାଁରେ ସ୍ଥାନୀୟ ଲୋକଙ୍କ ସମସ୍ୟାର ହେବ ସମାଧାନ, ସମସ୍ତଙ୍କୁ ଠିକ୍ ନ୍ୟାୟ ମିଳିବ, ଆଉ ସରକାରୀ କାର୍ଯ୍ୟାଳୟ ଯିବାକୁ ପଡିବନି ବୋଲି ମୁଖ୍ୟ ଅତିଥି ପାତ୍ର ମତବ୍ୟକ୍ତ କରିଥିଲେ। ସେହିପରି ସ୍ଥାନୀୟ ନବନିର୍ବାଚିତ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ଏମ୍‌ପି କବି ପ୍ରସନ୍ନ ପାଟ୍ଟଶାଣୀ, ଭାଜପା ମହିଳା ନେତ୍ରୀ ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ୍ କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଖୋ ଖୋ ସଂଘ ଓ ସାହିତ୍ୟ, ସଂସ୍କୃତିର ଅନୁଷ୍ଠାନ 'ବିଶ୍ୱମୁକ୍ତି' ଦ୍ୱାରା ପ୍ରାୟୋଜିତ ଏହି ରାଜ୍ୟସ୍ତରୀୟ ରଜ କ୍ରୀଡ଼ା ଉତ୍ସବ ଗ୍ରାମାଞ୍ଚଳରେ କ୍ରୀଡ଼ା ସଂସ୍କୃତି ଓ ପରମ୍ପରାର ମହାମିଳନ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୌଦ୍ଧ ଧର୍ମର ପ୍ରଚାରକ ଦିଗନାଗ ଯାହାଙ୍କ ନାମରେ ଡେଲାଙ୍ଗର ନାମ ରଖାଯାଇଛି। ଚାଇନା ଓ ଜାପାନ ଭଳି ଦେଶରେ ତାଙ୍କର ପ୍ରତିମୂର୍ତ୍ତି ଥିବାବେଳେ ଡେଲାଙ୍ଗରେ ତାଙ୍କର ସ୍ମୃତି ନିମନ୍ତେ ଅଦ୍ୟାବଧି କୌଣସି ସ୍ମାରକୀ ନାହିଁ। ତେଣୁ ପ୍ରଫେସର ଚୂଡାମଣି ଡେଲାଙ୍ଗରେ ଦିଗନାଗଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଏମ୍‌ପି ପାତ୍ରଙ୍କୁ ନିବେଦନ କରିଥିଲେ।

## ଓଡ଼ିଆ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ପ୍ରୟାସକୁ ଏମ୍‌ପିଙ୍କ ପ୍ରଶଂସା

**ପିପିଲି,୧୫।୬(ପ୍ରଭାତ ମହାପାତ୍ର):** ଓଡ଼ିଆ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିବାକୁ ପିପିଲିରେ ଓଡ଼ିଶାର ଗଣପର୍ବ ଦ୍ୱିତୀୟ ବର୍ଷ ରଜ ପରବ-୨୦୨୪ ପାଳନ କରାଯାଇଛି। ସ୍ଥାନୀୟ ମକରବା ସୋମନାଥ ମନ୍ଦିର ପ୍ରାଙ୍ଗଣରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ଓ ସୋମନାଥ ଦେବ ମନ୍ଦିର କମିଟି ମିଳିତ ଆନୁକୂଲ୍ୟରେ ଏହି ପାରମ୍ପରିକ ଉତ୍ସବ ପାଳନ କରାଯାଇଛି। ରଜ ସଂକ୍ରାନ୍ତି ଅବସରରେ ଏହି ପ୍ରତିଯୋଗିତାମୂଳକ ରଜ ପରବ କାର୍ଯ୍ୟକ୍ରମକୁ ଜାଗୃତି ଯୁବ ସଂଗଠନ ସଭାପତି ପ୍ରଭାତ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିଲା। ଏଥିରେ ପଣ୍ଡିତ ଭବାନୀ ଶଙ୍କର ଶର୍ମା, ଅଧ୍ୟାପିକା ଜ୍ୟୋତିର୍ମୟୀ ନନ୍ଦ, ଅଧ୍ୟାପକ ଡ. ସଚ୍ଚିକାନ୍ତ ନାୟକ, ଅଧ୍ୟାପକ ଶଙ୍କର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆଣୀ ଝିଅ, ରଙ୍ଗୋଲି, ପୁଚି, ଦଉଡି ଡିଆଁ ଆଦି ପ୍ରତିଯୋଗିତାରେ ଅଞ୍ଚଳର ଶତାଧିକ କୁମାରୀ କନ୍ୟା ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ସହକାର ଭାରତୀ ଓଡ଼ିଶା ମୁଖ୍ୟ କଳ୍ପନା ଦାଶ, ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର, ସାମାଜିକ କର୍ମୀ ସୁଚିତ୍ରା ବିଶ୍ୱାଳ, ମୋଟିଭେଟର ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସଭାରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ ଓଡ଼ିଆ ରଜ ପରମ୍ପରାର ମହତ୍ତ୍ୱ ପ୍ରତିପାଦନ ସହିତ ପିପିଲିର ସାମଗ୍ରିକ ବିକାଶ ଉପରେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପିପିଲିର ବିକାଶ ପାଇଁ କାମ କରିବାର ସମୟ ଆସିଛି ବୋଲି ଏମ୍‌ପି ପାତ୍ର କହିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ବିଭୁତି ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ, ଯୁଗ୍ମ ସମ୍ପାଦକ ମନୁ ଅଗ୍ରୱାଲ, ଅନୁଷ୍ଠାନ ମିଡିଆ ଆବାହକ ମନୋରଞ୍ଜନ ମହାପାତ୍ର, ବିକାଶ ଅଗ୍ରୱାଲ, ଅଭିମନ୍ୟୁ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ସୋମନାଥ ଦେବ ମନ୍ଦିର କମିଟି ସଦସ୍ୟ ସୋମନାଥ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଏନ୍‌ଇଟିରେ ସାମିଲ ହେବ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ

ଭୁବନେଶ୍ୱର, ୧୫।୬ (ଅସମାପିକା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ନ୍ୟାଶନାଲ ଇଲିଜିବିଲିଟି ଟେଷ୍ଟ(ଏନ୍‌ଇଟି)ରେ ବିପର୍ଯ୍ୟୟ ପରିଚାଳନା ବିଷୟ ଅନ୍ତର୍ଭୁକ୍ତ କରାଯିବ। ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମରେ ନାମ ଲେଖାଇବାକୁ ହେଲେ ଏହି ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିବ। ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୟୁଜିସି-ଏନ୍‌ଇଟି ବର୍ଷକୁ ଦୁଇଥର ଜୁନ୍ ଏବଂ ଡିସେମ୍ବରରେ ଅନୁଷ୍ଠିତ ହୋଇଥାଏ। ଗତ ମେ' ୧୫ରେ ଅନୁଷ୍ଠିତ ଆୟୋଗର ୫୮୦ତମ ବୈଠକରେ ବିଶେଷଜ୍ଞମାନେ ୟୁଜିସି-ଏନ୍‌ଇଟିରେ ବିପର୍ଯ୍ୟୟ ପରିଚାଳନା ବିଷୟ ଅନ୍ତର୍ଭୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆସନ୍ତା ଡିସେମ୍ବର ମାସରୁ ଏହା ଲାଗୁ କରାଯିବ। ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ ୟୁଜିସି-ଏନ୍‌ଇଟି ୱେବ୍‌ସାଇଟ୍ www.ugcnetonline.inରେ ଉପଲବ୍ଧ ରହିଛି। ଅପରପକ୍ଷେ ୟୁଜିସି-ଏନ୍‌ଇଟି ଜୁନ୍ ପରୀକ୍ଷା ପାଇଁ ଆଡ୍‌ମିଟ କାର୍ଡ ରିଲିଜ ହୋଇଛି। ଛାତ୍ରଛାତ୍ରୀ https://ugcnet.nta.ac.in ୱେବ୍‌ସାଇଟରୁ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ସୂଚନାଯୋଗ୍ୟ, ୟୁଜିସି-ଏନ୍‌ଇଟି ଆସନ୍ତା ୧୮ତାରିଖରେ ଅନୁଷ୍ଠିତ ହେବ।



**ପୁରୀରେ ରଜ ଭିଡ଼:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ଶନିବାର ବଡ଼ଦାଣ୍ଡରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ରହିଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଶ୍ରୀମନ୍ଦିରରେ ଭକ୍ତଙ୍କ ଅସମ୍ଭାଳ ଭିଡ଼

### ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ଭକ୍ତ ମହଲରେ ଦାବି

ପୁରୀ, ୧୫।୬ (ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ପ୍ରତିଶ୍ରୁତି ମୁତାବକ ଭକ୍ତମାନଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଛି। ତେବେ ଚାରିଦ୍ୱାର ଖୋଲବା ପରେ ପରେ ରଜଛୁଟି ଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି। ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାରରେ ପ୍ରବେଶ ସହ ଶୃଙ୍ଖଳିତ ଦର୍ଶନ ପାଇଁ ଚାରି ଦ୍ୱାରରେ ବ୍ୟାରିକେଡର ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲାଯିବା ନିଷ୍ପତ୍ତିକୁ ଭକ୍ତମହଲରେ ସ୍ୱାଗତ କରାଯାଇଛି। ମାତ୍ର ଚାରିଦ୍ୱାର ଖୋଲିବା ପରେ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଯେପରି ବ୍ୟବସ୍ଥା କରାଯିବା କଥା, ତାହା କରାଯାଇ ନ ଥିବାରୁ ଭକ୍ତମାନେ ଅନେକ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଶ୍ରୀମନ୍ଦିର ଭିତରେ ପ୍ରବଳ ଭିଡ଼ ଯୋଗୁ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରି ରହୁଛନ୍ତି। ସବୁଦ୍ୱାର ଦେଇ ହଜାର ହଜାର ଭକ୍ତ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିବା ବେଳେ ଦର୍ଶନ ପାଇଁ ଶ୍ରୀମନ୍ଦିର ପରିସରରେ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଏପରିକି ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କୁ ଭକ୍ତ ଦର୍ଶନ କରୁଥିବା ସ୍ଥାନ ନିକଟରେ ପ୍ରବଳ ଭିଡ଼ ଯୋଗୁ ଅନେକ ଭକ୍ତ ମହାପ୍ରଭୁଙ୍କୁ ଠିକ୍‌ରେ ଦର୍ଶନ କରିପାରି ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ପ୍ରବଳ ଗହଳି କାରଣରୁ ଶ୍ରୀମନ୍ଦିର ପରିସରରେ ଭକ୍ତମାନେ ଆହତ ମଧ୍ୟ ହେଉଛନ୍ତି। ତେଣୁ ଶ୍ରୀମନ୍ଦିର ଭିତରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯିବାକୁ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯିବାକୁ ଭକ୍ତ ମହଲରେ ଦାବି ହେଉଛି। ପ୍ରକାଶ ଯେ, କୋଭିଡ୍ ସମୟରେ ଶ୍ରୀମନ୍ଦିରକୁ ପ୍ରବେଶ ଉପରେ ବାରଣ କରାଯାଇଥିଲା। ପରେ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ଉପରେ ଅନୁମତି ଦିଆଯାଇଥିବାବେଳେ ଅନ୍ୟ ତିନି ଦ୍ୱାରଦେଇ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଥିଲା। ଫଳରେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେବା ସହ ସମସ୍ୟା ଭୋଗୁଥିଲେ। ତେବେ ରାଜ୍ୟରେ ନୂଆ ସରକାର ଆସିବା ପରେ ଗତ ଗୁରୁବାରଠାରୁ ଭକ୍ତଙ୍କ ପାଇଁ ଚାରିଦ୍ୱାରକୁ ଖୋଲାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପକ



@ ରାକେଶ



@ ଆଦିତ୍ୟ



@ ଅଦ୍ୱୈତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ମୋବାଇଲ ଫୋନ୍ ଫାଟି ଶିଶୁ ଆହତ



ମୋବାଇଲ ଫୋନ୍ ଫାଟିଯିବାରୁ ଶିଶୁଟିର ଗୋଡ଼ ପୋଡ଼ିଯାଇଛି।

ବଡ଼ମ୍ବା, ୧୫।୬ (ମାୟାଧର ମଲ୍ଲିକ)

ଅଧିକ ସମୟ ମୋବାଇଲ୍ ଫୋନ ବ୍ୟବହାର କିପରି ବିପଦର କାରଣ ପାଲଟିଛି ତାହାର ଉଦାହରଣ କଟକ ଜିଲା ବଡମ୍ବା ବ୍ଲକ୍‌ରେ ଦେଖିବାକୁ ମିଳିଛି। ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ମୋବାଇଲ୍ ଫୋନ୍ ବ୍ୟବହାର ବେଳେ ଫାଟିଯିବାରୁ ଜଣେ ଶିଶୁ ଆହତ ହୋଇଛନ୍ତି। ସେ ହେଲେ ଏହି ଗ୍ରାମର କୈବର୍ତ୍ତ ସାହିର ବଳଭଦ୍ର ଦଳେଇଙ୍କ ପୁତ୍ର ବୈଭବ ଦଳେଇ (୫)। ଶନିବାର ସକାଳ ସମୟରେ ସେ ମୋବାଇଲରେ ଖେଳୁଥିବାବେଳେ ତାହା ହଠାତ୍ ଫାଟିଯାଇଥିଲା। ଫଳରେ ବୈଭବଙ୍କ ବାମ ଗୋଡ଼ରେ ଆଘାତ ଲାଗିଛି। ତାଙ୍କୁ ତୁରନ୍ତ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୈଭବଙ୍କୁ ଘରକୁ ପଠାଇ ଦିଆଯାଇଛି। ମୋବାଇଲ ଫାଟିବାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅଧିକ ସମୟ ବ୍ୟବହାର ଯୋଗୁ ଗରମ ହୋଇ ଫାଟିଯାଇଥିବା ଆଶଙ୍କା କରାଯାଉଛି।

ଏ ସମ୍ପର୍କରେ ବଳଭଦ୍ର କହିଛନ୍ତି, ଭଗବାନଙ୍କ ଦୟାରୁ ମୋ ପୁଅ ବିପଦ ମୁଖରୁ ବର୍ତ୍ତିଯାଇଛି। ଆଉ ଟିକେ ବିଳମ୍ବ ହୋଇଥିଲେ ମୋର ଘର ପୋଡ଼ିଯାଇଥାନ୍ତା। ତେଣୁ ପିଲାଙ୍କୁ ମୋବାଇଲଠାରୁ ଦୂରେଇ ରଖିବା ପାଇଁ ମା'ବାପାମାନେ ସଚେତନ ରହିବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି।

## ୨ୟ ରଜରେ ନନ୍ଦନକାନନ ବୁଲିଲେ ୨୮ ହଜାର ୫୨୦ ପର୍ଯ୍ୟଟକ

ବାରଙ୍ଗ, ୧୫।୬ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଦ୍ୱିତୀୟ ରଜରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ବୁଲିଛନ୍ତି। ଉଦ୍ୟାନର ପ୍ରାକୃତିକ ପରିବେଶ ସାଙ୍ଗକୁ ବିରଳ ଜୀବଜନ୍ତୁ ପାଖରେ ଦେଖି ବେଶ୍ ମଜା ଉଠାଇଛନ୍ତି ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକ। ପହିଲି ରଜରେ ୧୭ ହଜାର ୪୪୬ ପର୍ଯ୍ୟଟକ ବୁଲିବାକୁ ଆସିଥିବାବେଳେ ୨ୟ ରଜରେ ୨୮ ହଜାର ୫୨୦ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଗତ ୨୦୨୩ ୨ୟ ରଜରେ ୨୧ ହଜାର ୫୫୧ ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ଚଳିତ ବର୍ଷ ୨ୟ ରଜରେ ୬ ହଜାର ୯୬୯ଜଣ ଅଧିକ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ପ୍ରାଣୀ ଉଦ୍ୟାନ ଭିତରେ ପର୍ଯ୍ୟଟକ ବାଘ, ସିଂହ, ଭାଲୁ, ଜିରାଫ୍, ସିମ୍ପାଜୀ, ପାଦଚଲା ବିହଙ୍ଗ ସରଣୀ ସହ ସଫାରିର ମଜା ଉଠାଇଥିଲେ। ବୋଟିଂ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା। ମାଛଘର ଓ ବ୍ୟାଟେରି ଚାଳିତ ଗାଡ଼ିରେ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା। ଶିଶୁ ଉଦ୍ୟାନ ମଧ୍ୟ ପିଲାଙ୍କ ଗହଳି ଲାଗି ରହିଥିଲା। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୧ ହଜାର ୮୮୭ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।




ରଜ ପାଇଁ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପର୍ଯ୍ୟଟକଙ୍କ ଭିଡ଼।

## ଆହୁରି ୩ ଦିନ ଗୁଳୁଗୁଳି

ଭୁବନେଶ୍ୱର, ୧୫।୬ (ଅସମାପିକା ସାହୁ)

ପଶ୍ଚିମ ଓଡ଼ିଶାରେ ହିଟ୍‌ୱେଭ୍ ଓ ଉପକୂଳରେ ଗୁଳୁଗୁଳି କଲବଲ କରୁଛି। ଶନିବାର ବାରିପଦାରେ ସର୍ବାଧିକ ୪୩.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୩.୬, ନୂଆପଡ଼ା ୪୩, ସମ୍ବଲପୁର ୪୨.୮, ସୁନ୍ଦରଗଡ଼ ୪୨, ହୀରାକୁଦ ୪୨.୫, ତାଳଚେର ୪୨.୬, ରାଉରକେଲା ୪୨.୬, ଭବାନୀପାଟଣା ୪୧.୬, ବଲାଙ୍ଗୀର ୪୨.୨, ଟିଟିଲାଗଡ଼ ୪୨, ସୋନପୁର ୪୨.୩, ନୟାଗଡ଼ ୪୧ ଓ ବୌଦ୍ଧ ୪୧.୮ ଡିଗ୍ରୀ ରହିଥିଲା। ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଗୁଳୁଗୁଳି ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ଶନିବାର ସୂଚନା ଦେଇଛନ୍ତି। ତେଣୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୧୧ଜିଲାକୁ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ପାରଳାଖେମୁଣ୍ଡିରେ ୩୨ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

କଟକ, ୧୫।୬ (କାର୍ତ୍ତିକ ସାହୁ)

କାଠଯୋଡ଼ି ନଦୀରେ ଗାଧୋଇବାବେଳେ ବୁଡ଼ିଯାଇ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶନିବାର ଉଦ୍ଧାର ହୋଇଛି। ସେ ହେଲେ ବାଦାମବାଡ଼ି ଥାନା ଅନ୍ତର୍ଗତ ପାଲାମଣ୍ଡପ ଅଞ୍ଚଳର ବିଶ୍ୱଜିତ୍ ପଲେଇ। ଶୁକ୍ରବାର ଅପରାହ୍ନରେ ବିଶ୍ୱଜିତ୍ ଅନ୍ୟ ଦୁଇ ସାଙ୍ଗଙ୍କ ସହ ବାଇକ୍‌ରେ ନରାଜ ଆଡ଼େ ବୁଲିବାକୁ ଯାଇଥିଲେ। ଫେରିବାବେଳେ ସିଡିଏ ସେକ୍ଟର-୭ସ୍ଥିତ ବାଲିଘାଟ ନିକଟରେ ଅଟକିଥିଲେ। ରାସ୍ତା ପାର୍ଶ୍ୱରେ ଗାଡ଼ି ରଖି ସେମାନେ କାଠଯୋଡ଼ି ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ନଦୀରେ ପାଣି ନ ଥିବାରୁ ସେମାନେ ବହୁ ଦୂର ଚାଲି ଚାଲି ଯାଇଥିଲେ। ତେବେ ନଦୀର ଏକ ଗଭୀର ସ୍ଥାନରେ ସେମାନେ ଗାଧୋଉଥିବାବେଳେ ବିଶ୍ୱଜିତ୍‌ଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ଦୁଇ ସାଙ୍ଗ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ତେବେ ସେମାନେ ଏନେଇ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବିଡାନାସୀ ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ଘଟଣାସ୍ଥଳରେ ସନ୍ଧ୍ୟା ସାଢ଼େ ୬ରୁ ରାତି ୯ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ରାତି ହୋଇଯାଇଥିବାରୁ ଖୋଜାଖୋଜି ବନ୍ଦ ରହିଥିଲା। ଶନିବାର ସକାଳେ ଅଗ୍ନିଶମ କର୍ମଚାରୀ ପୁଣିଥରେ ଖୋଜାଖୋଜି କରିବା ପରେ ବିଶ୍ୱଜିତ୍‌ଙ୍କ ମୃତଦେହ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏସ୍‌ସିବି ମେଡିକାଲ ପଠାଯାଇଛି। ଏନେଇ ମର୍କତନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗାଡ଼ିରୁ ତେଲ ସରିଯିବାରୁ ହତ୍ୟା କରିଥିଲେ ୨ ସାଙ୍ଗ

### ଡିପ୍ଲୋମା ଛାତ୍ର ସୁଶାନ୍ତ ଟୁଡୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

ଭୁବନେଶ୍ୱର, ୧୫।୬ (ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦକା ଥାନା ଅନ୍ତର୍ଗତ ପାଞ୍ଚମାଣିଆ ଜଙ୍ଗଲରେ ଡିପ୍ଲୋମା ଛାତ୍ର ସୁଶାନ୍ତ କୁମାର ଟୁଡୁଙ୍କୁ ହତ୍ୟା କରି ଫିଙ୍ଗିଦେବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଗାଡ଼ିରୁ ତେଲ ସରିଯିବା ଓ ଏଥିପାଇଁ ଟଙ୍କା ମାଗିବାରୁ ପ୍ରଥମେ ବଚସା ପରେ ଉତ୍‌କ୍ଷିପ୍ତ ହୋଇ ସୁଶାନ୍ତଙ୍କୁ ଗାମୁଛାରେ ହତ୍ୟା କରିଥିଲେ ତାଙ୍କର ଦୁଇ ଗାଁ ସାଙ୍ଗ। ଏ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ଡିସିପି ସୁରେଶ ଚନ୍ଦ୍ର ପାତ୍ର କହିଛନ୍ତି, ସୁଶାନ୍ତଙ୍କ ହତ୍ୟା ମାମଲାରେ ସମ୍ପୃକ୍ତ ୨ ସାଙ୍ଗଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବାରଙ୍ଗ ଦାଦାପାଟଣା ଗାଁର ରାଜେନ୍ଦ୍ର ହାଁସଦା ଓରଫ ପୁଟୁ ଏବଂ ମୋହନ ମାରାଣ୍ଡି ଓରଫ ଚାମୁଣ୍ଡା। ଅଭିଯୁକ୍ତଦ୍ୱୟଙ୍କଠାରୁ ଏକ ସ୍କୁଟି, ପକେଟ ଚିରା ହୋଇଥିବା ଶାର୍ଟ ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରୁ ଜଣେ ଡ୍ରାଇଭର ଥିବାବେଳେ ଆଉ ଜଣେ ଗାଁରେ ରହି ଛୋଟ ମୋଟ କାମ କରୁଥିବା ଅତିରିକ୍ତ ଡିସିପି ପାତ୍ର ସୂଚନା ଦେଇଛନ୍ତି।

ମୃତ ସୁଶାନ୍ତ ହେଉଛନ୍ତି ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଡିପ୍ଲୋମା ଛାତ୍ର। ଗତ ୧୧ ତାରିଖ ଦିନ ସୁଶାନ୍ତ ନିଜ ସ୍କୁଟିରେ ତାଙ୍କର ଦୁଇ ଗାଁ ସାଙ୍ଗ ରାଜେନ୍ଦ୍ର ଓ ମୋହନଙ୍କ ସହ ବୁଢ଼ଙ୍ଗଗଡକୁ ମଦ ପିଇବାକୁ ଯାଇଥିଲେ। ମଦ ପିଇ ଫେରୁଥିବାବେଳେ ପାଞ୍ଚମାଣିଆ ଜଙ୍ଗଲ ପାଖରେ ଗାଡିରୁ ତେଲ ସରିଯାଇଥିଲା। ଏହାପରେ ସୁଶାନ୍ତ ତେଲ ବାବଦକୁ ୫୦ ଟଙ୍କା ମାଗିଥିଲେ। ହେଲେ ଅଭିଯୁକ୍ତଦ୍ୱୟ ମଦ ପିଇବାକୁ ଟଙ୍କା ଦେଇଛୁ, ଆଉ ଦେବୁନୁ ବୋଲି କହିଥିଲେ। ଗାଡିରେ କାହିଁକି ତେଲ ରଖିନାହୁଁ ବୋଲି ସୁଶାନ୍ତଙ୍କୁ ପଚାରିଥିଲେ ଅଭିଯୁକ୍ତଦ୍ୱୟ। ଏହାକୁ ନେଇ ରାସ୍ତାରେ ପାଟିତୁଣ୍ଡ ହେବାରୁ ଅଭିଯୁକ୍ତଦ୍ୱୟ ଉତ୍ତ୍ୟକ୍ତ ହୋଇ ସୁଶାନ୍ତଙ୍କ ବେକକୁ ଏକ ଗାମୁଛାରେ ଚିପି ଦେଇଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ସୁଶାନ୍ତ ଅଚେତ ହୋଇପଡିଥିଲେ। ଏହାପରେ ସୁଶାନ୍ତ ମରିଯାଇଥିବା ଜାଣି ଭୟରେ ତାଙ୍କ ମୃତଦେହକୁ ପାଞ୍ଚମାଣିଆ ଜଙ୍ଗଲ ଭିତରେ ଫୋପାଡି ଦେଇଥିଲେ। ଅଭିଯୁକ୍ତମାନେ ସୁଶାନ୍ତଙ୍କ ବେକକୁ ଚିପି ଧରିଥିବାବେଳେ ସେ ଛଟପଟ ହୋଇ ଅଭିଯୁକ୍ତ ରାଜେନ୍ଦ୍ରଙ୍କ ଶାର୍ଟ ପକେଟକୁ ଚିରି ଦେଇଥିଲେ। ଉକ୍ତ ଚିରା ପକେଟ ହିଁ ଘଟଣାସ୍ଥଳରେ ପଡିଥିଲା। ଘଟଣା ପରେ ଉଭୟ ଅଭିଯୁକ୍ତ ସ୍କୁଟିକୁ ଗଡ଼ାଇ ଆଣି ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ରଖି ଗାଁକୁ ପଳାଇଥିଲେ। ଏପଟେ ସୁଶାନ୍ତ ଘରକୁ ନ ଆସିବାରୁ ପରିବାର ଲୋକେ ୧୨ ତାରିଖରେ ଅଭିଯୁକ୍ତଦ୍ୱୟଙ୍କୁ ପଚାରିବାରୁ ସେମାନେ କିଛି ଜାଣି ନ ଥିବା କହିଥିଲେ। ମୃତଦେହରୁ ଦୁର୍ଗନ୍ଧ ହେବାରୁ ଆଖପାଖର ଲୋକେ ସେଠାରେ ପହଞ୍ଚି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିବା ସହ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲା। ଏନେଇ ମୃତ ସୁଶାନ୍ତଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ହତ୍ୟା ମାମଲା (ନଂ.୨୨୧/୨୦୨୪) ରୁଜୁକରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତବେଳେ ସୁଶାନ୍ତଙ୍କ ସହ ଯାଇଥିବା ଦୁଇ ଅଭିଯୁକ୍ତ ରାଜେନ୍ଦ୍ର ଓ ମୋହନଙ୍କୁ ପଚାରଉଚରାବେଳେ ଉଭୟ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ।




ଗିରଫ ୨ ଅଭିଯୁକ୍ତ।

